www.kalingaprava.com
RNI No. ODI ODI/2005/16657
# କଳିଙ୍ଗପ୍ରଭା
KALINGAPRAVA
ପ୍ରତିଷ୍ଠାତା : ପ୍ରଦୀପ୍ତ କୁମାର ପରିଡ଼ା
Odia Fortnightly




Vol-XVIII, ବର୍ଷ-୧୮
Issue-19, ସଂଖ୍ୟା-୧୯
1-15 October 2024, Tuesday
୧-୧୫ ଅକ୍ଟୋବର ୨୦୨୪, ମଙ୍ଗଳବାର
Cuttack, କଟକ
Page-8, ପୃଷ୍ଠା-୮
Price - Rs. 5/-, ମୂଲ୍ୟ - ୫ ଟଙ୍କା

## ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଶିଳ୍ପପତିଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(କ.ବ୍ୟୁ): ’ଉତ୍କର୍ଷ ଓଡିଶା : ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ର ପ୍ରାକ ପ୍ରସ୍ତୁତି । ଆସନ୍ତାକାଲିଠୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀଙ୍କ ସମେତ ବିଭାଗୀୟ ପ୍ରତିନିଧି ଦଳ ଯିବେ ଦିଲ୍ଲୀ । ୨୦୨୫ ଜାନୁଆରୀ ୨୮ ଏବଂ ୨୯ରେ ହେବାକୁ ଥିବା ଉତ୍କର୍ଷ ଓଡିଶା : ମେକ୍ ଇନ୍ ଓଡିଶାରେ ଯୋଗଦେବା ପାଇଁ ଶିଳ୍ପ ପତି ମାନଙ୍କୁ ଭେଟି କରିବେ ଆମନ୍ତ୍ରଣ । ୩ ତାରିଖରେ ନିବେଶକଙ୍କ ସହ କରିବେ ୱାନ ଟୁ ୱାନ ଆଲୋଚନା । ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀରେ ବିଭିନ୍ନ ଦେଶର ଆମ୍ବାସଡର, ହାଇ କମିଶନର, କନସଲ ଜେନେରାଲ, ଟ୍ରେଡ କମିଶନର ମାନଙ୍କ ସହ ହେବ ଆଲୋଚନା । ଆଉ ତାପରେ ବିଭିନ୍ନ ଶିଳ୍ପାନୁଷ୍ଠାନର ମୁଖ୍ୟ ମାନଙ୍କ ସହ ମୁଖ୍ୟମନ୍ତ୍ରୀ କରିବେ ୱାନ ଟୁ ୱାନ ଆଲୋଚନା । ଏହାସହ ଶିଳ୍ପ ବିଭାଗ ପକ୍ଷରୁ ରୋଡ ଶୋ ମଧ୍ୟ




କରାଯିବ ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ । ଏହି ଆଲୋଚନା ବେଳେ ଆଇଟି, ଆଇଟିଇଏସ, ଫୁଡ ପ୍ରୋସେସିଂ, କେମିକାଲ, ପେଟ୍ରୋକେମିକାଲ, ପ୍ଲାଷ୍ଟିକ, ଟେକ୍ସଟାଇଲ, ରିନିଓ୍ୱେଲ ଏନର୍ଜି, ଗ୍ରୀନ ହାଇଡ୍ରୋଜେନ ଓ ଆମୋନିଆ, ଇଲେକଟ୍ରୋନିକ୍ସ ଡିଜାଇନ ଏବଂ ମାନୁଫେକ୍ଚରିଂ ଭଳି ସେକ୍ଟରର ଶିଳ୍ପ ମୁଖ୍ୟ ମାନଙ୍କ ସହ ଇନଭେଷ୍ଟର ମିଟ୍ ହେବ । ଓଡିଶାରେ ବିଜେପି ସରକାର ଆସିବା ପରେ ସୁଦୃଢ ହୋଇଛି ଶିଳ୍ପ ଇକୋ ସିଷ୍ଟମ । ଇଜ୍ ଅଫ ଡୁଇଂ ବିଜନେଶରେ ଆଗକୁ ଯାଉଛି ଓଡିଶା । ସିଙ୍ଗିଲ ଓ୍ୱିଣ୍ଡୋ ସିଷ୍ଟମରେ ସୁଧାର ଆଣିବା ସହ ଆହୁରି ସରଳୀକରଣ କରାଯାଇଛି । ଓଡିଶାରେ ପୁଞ୍ଜିନିବେଶ କଲେ କଣ ଲାଭ ମିଳିବ, ସେ ନେଇ ନିବେଶକ ମାନଙ୍କୁ ଅବଗତ କରାଇବେ ରାଜ୍ୟ ସରକାର ।

ପୂର୍ବ ସରକାର ମେକ୍ ଇନ୍ ଓଡିଶା ନାଁରେ କେବଳ ବଡ ବଡ ଘୋଷଣା କରୁଥିଲା । ଏମଓୟୁରେ ବ୍ୟସ୍ତ ଥିଲା ପୂର୍ବ ବିଜେଡି ସରକାର । ଏମଓୟୁ କରୁଥିଲେ ସିନା, କିନ୍ତୁ ତାକୁ ପ୍ରଣୟନ କରୁନଥିଲେ । ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଇକୋ ସିଷ୍ଟମ ପ୍ରସ୍ତୁତ କରିବାରେ ନବୀନ ସରକାର ବିଫଳ ହୋଇଛି ।ବିଜେପି ସରକାର କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ବୋଲି ଘୋଷଣା କରିଛି ।ଏ ନେଇ ବିଭିନ୍ନ ଇସ୍ପାତ ଶିଳ୍ପ ସହ ଆଲୋଚନା ଚାଲିଛି । ତେବେ ପୂର୍ବରୁ ଇସ୍ପାତ ଶିଳ୍ପ ଘୋଷଣା କରି ପ୍ରାୟୋଜିତ ଭାବେ କେନ୍ଦୁଝରରୁ ଲୋକ ଆଣି ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାର ଆୟୋଜନ କରିଥିଲେ ବିଜେଡି ସରକାର ।
ନିପନ ଷ୍ଟିଲ ପାରାଦୀପରେ ୭୦ ହଜାର କୋଟିର ପୁଞ୍ଜିନିବେଶ କରିବାକୁ ଯାଉଛି । ଏଥିପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛି ବିଜେପି ସରକାର । ଜଗତସିଂହପୁର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଶିଳ୍ପ ବିଭାଗର ସହଯୋଗରେ ପ୍ରକଳ୍ପ କାମ ଆଗକୁ ବଢୁଛି । ସେହିପରି କେନ୍ଦ୍ରାପଡାରେ ମଧ୍ୟ ବଡ ପୁଞ୍ଜିନିବେଶ କରିବ ନିପନ ଷ୍ଟିଲ । ୧୦୦ ଦିନ ସରକାରରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଅନୁମୋଦନ ମିଳିଛି । ପ୍ରଥମ ବର୍ଷ ଟାର୍ଗେଟର ୯୦ ପ୍ରତିଶତ ପୁଞ୍ଜିନିବେଶ କେବଳ ୧୦୦ ଦିନ ଭିତରେ ହୋଇଛି । ୫ ବର୍ଷରେ ଅଢେଇ ଲକ୍ଷ ଟଙ୍କାର ପୁଞ୍ଜିନିବେଶର ଲକ୍ଷ୍ୟ ରଖିଛନ୍ତି ସରକାର ।

## ଇଭିଏମ ଟାମ୍ପରିଂ ଅଭିଯୋଗ ମାମଲା: ସାରଦା ନାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,(କ.ବ୍ୟୁ): ବିଜୁ ଜନତା ଦଳ (ବିଜେଡି)ର ରାଉରକେଲା ବିଧାୟକ ସାରଦା ନାୟକଙ୍କ ନାଁରେ ଇଭିଏମ ଟାମ୍ପରିଂ ଅଭିଯୋଗ ମାମଲା ନେଇ ଓଡ଼ିଶା ହାଇକୋର୍ଟ ମଙ୍ଗଳବାର ଶୁଣାଣି କରିଛନ୍ତି । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଉତ୍ତର ରଖିବାକୁ ସାରଦା ନାୟକଙ୍କୁ ନୋଟିସ୍ ଜାରି କରିଛନ୍ତି ।



୧୯ ନଭେମ୍ବର ମାମଲାର ପରବର୍ତ୍ତୀ ଶୁଣାଣି ହେବ । ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଅନ୍ୟ ଏକ ମାମଲାରେ ସାରଦା ନାୟକଙ୍କୁ ଉତ୍ତର ରଖିବାକୁ ୨୯ ଅକ୍ଟୋବର ଶେଷ ସୁଯୋଗ ବୋଲି କୋର୍ଟ କହିଛନ୍ତି । ୧୯ ନଭେମ୍ବର ମାମଲାର ପରବର୍ତ୍ତୀ ଶୁଣାଣି ହେବ । ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ ନେଇ ଅନ୍ୟ ଏକ ମାମଲାରେ ସାରଦା ନାୟକଙ୍କୁ ଉତ୍ତର ରଖିବାକୁ ୨୯ ଅକ୍ଟୋବର ଶେଷ ସୁଯୋଗ ବୋଲି କୋର୍ଟ କହିଛନ୍ତି । ଗତ ସାଧାରଣ ନିର୍ବାଚନ ପରେ ମତଦାନ ଗଣତି କେନ୍ଦ୍ରରେ ସାରଦାଙ୍କ ଇଙ୍ଗିତରେ ଇଭିଏମ୍ ଟାମ୍ପରିଂ ହୋଇଥିବା ନେଇସ୍ଥାନୀୟ ଭୋଟର ରାଧେଶ୍ୟାମ ଯାଦବ ଅଭିଯୋଗ ଆଣିଥିଲେ । ଆବେଦନକାରୀ ଏହି ଅଭିଯୋଗ ସଂକ୍ରାନ୍ତୀୟ ସିସିଟିଭି ଫୁଟେଜ ଓ ଫଟୋ ମଧ୍ୟ କୋର୍ଟରେ ଦାଖଲ କରିଛନ୍ତି ।

## ଦୁଷ୍କର୍ମ ପରେ ଶରୀରରୁ ମୁଣ୍ଡ ଅଲଗା କରିଥିଲା: କୋର୍ଟ ଫାଶି ଦଣ୍ଡ ଶୁଣାଇଛନ୍ତି

ସମ୍ବଲପୁର,(କ.ବ୍ୟୁ): ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୁଷ୍କର୍ମକାରୀକୁ ସମ୍ବଲପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଫାଶି ଦଣ୍ଡ ଶୁଣାଇଛନ୍ତି । କୋର୍ଟ ଦୋଷୀ ପ୍ରଶାନ୍ତ ବଘାରକୁ ୧ କୋଟି ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ଜଣାଯାଏ, ୨୦୨୨ ମାର୍ଚ୍ଚ ୨୫ ତାରିଖ ସକାଳ ୮ଟାରେ ପୀଡିତା ଘର ପାଖରେ ଥିବା ପଡ଼ିଆକୁ ଶୌଚ ପାଇଁ ଯାଇଥିଲା । ଏହି ସମୟରେ ପ୍ରଶାନ୍ତ ବଘାର ବଳପୂର୍ବକ ନାବାଳିକାକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ ପରେ ଏକ କୁରାଢ଼ୀରେ ନୃଶଂସ ଭାବେ ହତ୍ୟା କରିଥିଲା । ନାବାଳିକାର ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲା । ଏହା ପରେ କଟା ମୁଣ୍ଡ ନଳକୂପ ପାଣିରେ ଧୋଇଥିଲା । ଏହା ଦେଖି ଗ୍ରାମବାସୀ ଭୟଭୀତ ହୋଇଥିଲେ । ଏନେଇ ପୁଲିସକୁ ଖବର ଦେଇଥିଲେ ।



सत्यमेव जयते

**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ରଘୁବର ଦାସ)



ଓଡ଼ିଶା ସରକାର



**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ**
**ମାନ୍ୟବର ମୁଖ୍ୟମନ୍ତ୍ରୀ**
**ଶ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା**



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ ଓ ଅହିଂସାର ପ୍ରତୀକ । ତାଙ୍କର ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ଆସନ୍ତୁ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-35
OIPR-15001/13/0227/2425



## ଭୁବନେଶ୍ୱର

*-ରଶ୍ମିତା ମହାରଣା*

ଆହାକି ସୁନ୍ଦର ଦିଶୁଛି, ଏଇ ଭୁବନେଶ୍ୱର
ଶୋଭାର ପଶରା ଖୋଲିଛି, ନାହିଁ ତା ପଟାନ୍ତର ।
ବିଜୁଳି ଆଲୁଅ ଜାଳିଲେ ରାତି, ପାଲଟେ ଦିନ
ଭଳି ଭଳି କୋଠା ଦେଖିଲେ କିଣି ନେଉଛି ମନ ।
ବାଣୀର ଭଣ୍ଡାର ରହିଛି ବାଣିବିହାର ଠାରେ
ଲିଙ୍ଗରାଜ ପୁଣି ଅଛନ୍ତି ଆହା କି ମନ ହରେ ।
ଓଡ଼ିଶା ପ୍ରଦେଶ ଶାସନ ଏଠି ତିଆରି ହୁଏ
ରାଜଧାନୀ ବୋଲି ସିଏତ ଦେଶ ବିଦେଶ କୁହେ ।
ଦୟାନିଦୀକୂଳେ ଧଉଳି ଶାନ୍ତି ବାରତା ଗାଏ
ଶାନ୍ତି ପ୍ରତି ଆଉ ଅହିଂସା ଏହି ମାଟିତ ଗାଏ ।
ହାତି, ବାଘ, ଭାଲୁ, ସମ୍ବର ପୁଣି କେତେ ଯେ ପକ୍ଷୀ
ନନ୍ଦନକାନନ ଦେଖିଲେ ଆଖିଯିବରେ ଲାଖି ।
ରାଜାରାଣି ପରା ଗାଉଛି ଶିଳ୍ପି କୂଳର ଗାଥା
ଭୁବନେଶ୍ୱରରେ ରହିଛି କେତେ ବିଭବ ଗାଥା ।
ଭଳି ଭଳି ଛବି ଆଣିତ ଦୂରଦର୍ଶନ କହେ
ଭୁବନ ଭିତରେ ଈଶ୍ୱର ତାର ନା'ଟି ଗାଏ ।

# ମାଙ୍କଡ଼ ଓ ଠେକୁଆ



ଅଗନାଅଗନି ବନସ୍ତ । ସେଥିରେ ଥାଆନ୍ତି କେତେ କେତେ ଜୀବଜନ୍ତୁ । ଗୋଟିଏ ଠେକୁଆ ଓ ମାଙ୍କଡ଼ ପରସ୍ପର ସଙ୍ଗାତ ବସିଥାନ୍ତି । ଠେକୁଆ ଭାରି ଚତୁର । ମାଙ୍କଡ଼ଟି ବୋକା । ଦିନେ ସେ ଜଙ୍ଗଲ ରାସ୍ତାରେ ବେପାରୀଟିଏ କଦଳୀ ଟୋକେଇ ମୁଣ୍ଡେଇ ଯାଉଥିଲା । ହଳଦୀଆ ଟହ ଟହ କଦଳୀ ଦେଖି ମାଙ୍କଡ଼ର ପାଟିରୁ ଲାଳ ବୋହିଲା । ସେ ଗୋଟିଏ ଉପାୟ ଚିନ୍ତା କଲା । ଠେକୁଆକୁ ଡାକି



କହିଲା, ସଙ୍ଗାତ ଏ କଦଳୀବାଲାଠାରୁ କଦଳୀତକ ହାତେଇବାର ଗୋଟିଏ ଉପାୟ ମୁଁ ବାହାର କରୁଛି । ଏହି ଗଛ ଉହାଡ଼ରେ ମୁଁ ଲୁଚି ବସଛି, ତମେ ସେ ଲୋକ ଆଗରେ ଦୌଡ଼ିଯାଅ ।

ଠେକୁଆ ମାଙ୍କଡ଼ର କଥା ମାନି ସେହିପରି କଲା । ବେପାରୀଟି ଶଙ୍ଖ ମଲମଲ ଠେକୁଆଟିକୁ ଦେଖି ଲୋଭ ସମ୍ଭାଳି ପାରିଲା ନାହିଁ । ଟୋକେଇଟି ତଳେ ଥୋଇ ଠେକୁଆ ପଛରେ ଦୌଡ଼ିଲା । ଦଉଡ଼ରେ ସେ ଠେକୁଆକୁ ପାରିବ କାହୁଁ ? ଫେରିଆସି ଦେଖେତ ଟୋକେଇରେ ଗୋଟଏ ହେଲେ କଦଳୀ ନାହିଁ । ଚୋପା ଗୁଡ଼ାଏ କୁଢ଼ା ହୋଇଛି । ଗଛ ଡାଳରେ ମାଙ୍କଡ଼ ବସି ହସୁଛି । ବିଚରା ବେପାରୀଟି କାନମୁଣ୍ଡ ଆଉଁସି ଘରକୁ ଫେରିଲା । ଠେକୁଆଟି ମାଙ୍କଡ଼ ପାଖକୁ ଫେରି ଦେଖିଲା- ସବୁ କଦଳୀ ମାଙ୍କଡ଼ ଖାଇଦେଇଛି । ତା' ପାଇଁ ଗୋଟିଏବି ରଖି ନାହିଁ । ଏ କଥା ତାକୁ ବାଧିଲା । ମନେ ମନେ ଠିକ୍ କଲା, ମାଙ୍କଡ଼କୁ ଉଚିତ୍ ଶିକ୍ଷା ଦେବ ।

ଗୋଟିଏ ପୋଖରୀ କୂଳରେ ଠେକୁଆ ବସିରହିଲା । ଜହ୍ନରାତି ହୋଇଥାଏ । ଚାରିଆଡ଼ ଚୂନ ଧଉଳା ହୋଇଥିବା ପରି ଦେଖାଯାଉଥାଏ । ଠେକୁଆକୁ ଖୋଜି ଖୋଜି ମାଙ୍କଡ଼ ଆସି ସେଠି ପହଞ୍ଚିଲା । ଠେକୁଆକୁ ଚୁପ୍ ଚାପ୍ ବସିଥିବାର ଦେଖି ସେ ପଚାରିଲା, "ସଙ୍ଗାତେ ଏଠି ବସି କ'ଣ କରୁଛ ?"

ଠେକୁଆ ଜାଣେ ମାଙ୍କଡ଼ଟା ନିର୍ବୁଦ୍ଧିଆ । ପୋଖରୀ ପାଣି ଆଡ଼କୁ ଠାରିଦେଇ କହିଲା, "ରାଜା ପାରିଧିକୁ ଯାଇଛନ୍ତି । ଏଠି ନୀଳ ଗାଲିଚା ବିଛା ହୋଇଛି । ମୁଁ ତାକୁ ଜଗି ବସିଛି । ରାଜା ଫେରିଲେ ମୋତେ ଭଲ ପୁରସ୍କାର ଦେବେ ।"

ମାଙ୍କଡ଼ କହିଲା, "ମୋତେ ଟିକେ ଗାଲିଚାରେ ବସିବାକୁ ଦେବ ନାଇଁ !"

ଠେକୁଆ କହିଲା, " ନାଇଁ, ନାଇଁ ! ରାଜା ରାଗିଯିବେ ।"

ମାଙ୍କଡ଼ କିନ୍ତୁ ଠେକୁଆ କଥା ନଶୁଣି ପାଣି ଭିତରକୁ ଭୁସ୍‌କିନା ଡେଇଁ ପଡ଼ିଲା । ଠେକୁଆ ମନଖୁସିରେ ଡିଆଁ ମାରିଲା ।

ପହଁରି ପହଁରି ମାଙ୍କଡ଼ ପଦ୍ମବନରେ ଅଟକିଗଲା । ଗୋଡ଼ରେ ପଦ୍ମନାଡ଼ ଗୁଡ଼େଇ ହୋଇଗଲା । ସେ କରେ କ'ଣ ? ଏତିକି ବେଳକୁ ବାଘଟିଏ ପାଣି ପିଇବା ପାଇଁ ଆସିଲା । ମାଙ୍କଡ଼ ତାକୁ ଉଦ୍ଧାର କରିବା ପାଇଁ ନେହୁରା ହେଲା । ବାଘ ହସି ହସି କହିଲା, ମୁଁ ତୋତେ ପୋଖରୀରୁ ଉଠାଇ ଆଣି ଖାଇବି ।

ମାଙ୍କଡ଼ କହିଲା, "ଏଠି ପଦ୍ମବନରେ ମରିବା ଅପେକ୍ଷା ତୁମ ପେଟରେ ଯିବା ଭଲ । ବାଘ ମାଙ୍କଡ଼କୁ ଉଠାଇ ଆଣିଲା । କୂଳରେ ପହଞ୍ଚି ମାଙ୍କଡ଼ ସିଧା ଗଛ ଡ଼ାଳକୁ ଡିଆଁ ମାରିଲା ।

ଛାତି ତା'ର ଧକ୍ ଧକ୍ ହେଉଥାଏ । ସେ ଠିକ୍ କଲା ସାଙ୍ଗକୁ ଆଉ କେବେ ହେଲେ ଠକିବ ନାହିଁ ।

*- ରାଜକିଶୋର ରାଜ*

## ଆମ ଉତ୍କଳ

*-ପ୍ରମିଳା ପଣ୍ଡା*

ସର୍ବେ ଏକ ହୋଇ ଉତ୍କଳ ବାସୀ
ଗାଇବୁ ନାଚିବୁ ଆମେ ହସି ହସି ।
ସବୁ ଧର୍ମ ଭାଇ ଆମେ ହେବୁ ଏକ
ରଖିଯିବୁ ଆମେ ଉତ୍କଳର ଟେକ ।
ନ ରହିବ ଦୁଃଖ, ନ ରହିବ କ୍ଳେଶ
ମୁଖେ ଥିବ ଚିର ଅମୃତର ହସ ।
ସୁଖେ ଦୁଃଖେ ଆମେ ପତାଇବୁ ଛାତି
ନ ରହିବ ପୁଣି ହୀନ ରାଜନୀତି ।
ନ ହୋଇବୁ ଆମେ ନୀଚ ସ୍ୱାର୍ଥପର
ଗାଇଯିବୁ ଗୀତି ଶାଶ୍ୱତ ପ୍ରେମର ।
ଗୋପବନ୍ଧୁ ପଥ ଆମେ ଅନୁସରି
ଉତ୍କଳ ମାଟିକୁ ଦେବୁ ପ୍ରେମେ ଭରି ।
ସଭିଙ୍କ ମନରେ ଆନନ୍ଦ ଭରିବୁ
ସଭିଙ୍କୁ ଆମେରେ ହସି ହସାଇବୁ ।
ସ୍ୱତନ୍ତ୍ର ଉତ୍କଳ ଗଠନର ସ୍ୱପ୍ନ
ପୂରଣ କରିବୁ ଆସୁ ପଛେ ବିଘ୍ନ ।
ଆମ ଏ ଉତ୍କଳ ଆମ ଜନ୍ମଦାତା
ବଜାୟ ରଖିବୁ ଆମର ଏକତା ।
ସ୍ନେହ ପ୍ରେମ ଦୀପ ପ୍ରଜ୍ୱଳିତ କରି
ସଭିଙ୍କ ହୃଦୟେ ଦେବୁ ସ୍ନେହ ଭରି ।
ନ ହୋଇବୁ କେବେ ଆମେ ସବୁ ପର
ସମସ୍ତେ କେବଳ ଆମର ନିଜର ।
ରାଜା ରାମଚନ୍ଦ୍ର, ଆଉ ଗଙ୍ଗାଧର
ଫକୀରମୋହନ ଗର୍ବ ଏ ମାଟିର ।
ବଢ଼ାଇବା ଆମେ ତାଙ୍କର ଗାରିମା
ହୃଦୟରେ ଥାପି ତ୍ୟାଗର ପ୍ରତିମା ।

*ଉଦଳା, ମୟୂରଭଞ୍ଜ*

# ବିଶ୍ୱାସ ମୂଳେ ଏ ଜଗତ

ସାଧୁ ସୁଧିରାନନ୍ଦ ପ୍ରବଚନ ଦେବା ପାଇଁ ପହଞ୍ଚିଲେ ବାଲିପଦର ଗାଁରେ, ତାଙ୍କରି ପ୍ରବଚନରେ ଯାଦୁ ଭରି ରହିଥିଲା । ସାଧୁ ଆସିବା ଶୁଣି ଆଖପାଖର ଭକ୍ତମାନେ ରୁଣ୍ଡ ହୋଇଗଲେ । ଜଣେ କୁଷ୍ଠ ରୋଗୀ ବି ପ୍ରବଚନ ଶୁଣିବାକୁ ପହଞ୍ଚିଲା । ରୋଗର ପ୍ରଭାବରେ ଲୋକଟି ବିକଳାଙ୍ଗ ହୋଇଯାଇଥିଲା । ସାଧୁଙ୍କ ପ୍ରବଚନରୁ ତାଙ୍କୁ ହଠାତ୍ ଜଣାଗଲାଯେ ଏହି ବାବା ମୋ ରୋଗକୁ ଭଲ କରିଦେଇ ପାରିବେ ।



ପ୍ରବଚନ ସରିଲା, ସୁଯୋଗ ପାଇ ରୋଗୀ ଜଣକ ସାଧୁଙ୍କ ପାଦତଳେ ପଡ଼ିଯାଇ କହିଲା, "ବାବା ! ଆପଣ ମୋ ରୋଗକୁ ଭଲ କରିଦିଅନ୍ତୁ ।" ଏହା ଶୁଣି ସାଧୁ କହିଲେ, "ବସ୍ ! ମୁଁ ଜଣେ ତୁମଭଳି ସାଧାରଣ ମଣିଷ । କିଛି ଶାସ୍ତ୍ର ପଢ଼ିଛି ବୋଲି ପ୍ରବଚନ ଦେଉଛି । ମୋ ପାଖରେ କୌଣସି ଅଲୌକିକ ଶକ୍ତି ନାହିଁ ।" କୁଷ୍ଠରୋଗୀ କିନ୍ତୁ ବୁଝିବାର ଅବସ୍ଥାରେ ନଥିଲା । ତା' ଆଖିରୁ ଧାର ଧାର ଲୁହ ଝରୁଥାଏ । ଲୋକଟି କାନ୍ଦି କାନ୍ଦି କହିଲା, "ବାବା ! ମୁଁ ଜାଣେ ଆପଣ ହିଁ ମୋତେ ଭଲ କରିପାରିବେ । ଆପଣ ଥରେ ମାତ୍ର ମୋ ଦେହରେ ହାତକୁ ସ୍ପର୍ଶ କରିଦିଅନ୍ତୁ ।"

ସାଧୁ ପୁଣି ବୁଝାଇ କହିଲେ, "ଦେଖ, ମୁଁ ଚମତ୍କାରୀ ପୁରୁଷ ନୁହେଁ । ତଥାପି ତୋର ଅନୁରୋଧ ରକ୍ଷାକରି ତୋ ଶରୀରକୁ ଛୁଇଁ ଦେଉଛି ।" ଏହା କହି ସାଧୁ ନିଜ ହାତକୁ କୁଷ୍ଠ ରୋଗୀର ଶରୀର ଉପରେ ବୁଲାଇ ନେଲେ । ସତକୁ ସତ ଅଲୌକିକ ଘଟଣା ଘଟିଲା । ଏହା ଦେଖି ସାଧୁବି ଆଶ୍ଚର୍ଯ୍ୟ ହୋଇଗଲେ । କୁଷ୍ଠ ରୋଗୀର ଶରୀରରୁ ବିକଳାଙ୍ଗ ହଟିଗଲା । ସେ ସମ୍ପୂର୍ଣ୍ଣ ଭାବେ ଭଲ ହୋଇଗଲା । ଲୋକଟି ସାଧୁଙ୍କ ପାଦତଳେ ମୁଣ୍ଡିଆ ମାରିଲା । ସାଧୁ ତାକୁ ଉଠାଇ କହିଲେ, "ଦେଖ ବାବୁ ! ମୁଁ କିଛି କରିନାହିଁ । ତୋ ବିଶ୍ୱାସ ହିଁ ତତେ ଭଲ କରିଛି ।"

ଘଟଣାଟା ଧିରେ ଧିରେ ବ୍ୟପିବାକୁ ଲାଗିଲା, ଦିନକୁ ଦିନ ସାଧୁଙ୍କ ପାଖରେ ରୋଗୀ ଭିଡ଼ ଜମିଲା । ସାଧୁ ସମସ୍ତଙ୍କୁ ମନା କରିବା ପରେବି ସେମାନେ ସାଧୁଙ୍କୁ ବାଧ କରି ତାଙ୍କ ହାତ ଆଣି ନିଜ ଦେହରେ ବୁଲାଇଲେ । କିନ୍ତୁ ଫଳ କିଛି ମିଳିଲା ନାହିଁ । ସାଧୁ ସେମାନଙ୍କୁ କହିଲେ, "ତୁମେମାନେ ମୋ କଥା ମାନୁନାହଁ କାହିଁକି ମୁଁ ଚମତ୍କରୀ ମଣିଷ ନୁହେଁ ।" ଲୋକମାନେ କିନ୍ତୁ ପୂର୍ବ ରୋଗୀ ଭଲ କରିବା କଥା ଯୁକ୍ତି ବାଢ଼ିଲେ । ହେଲେ ସାଧୁ କହିଲେ, "ତାକୁ ପଚାର ସେ କେମିତି ଭଲ ହେଲା ?" ବିଶ୍ୱସ ମୂଳେ ଏ ଜଗତ । ତାହାର ପ୍ରଗାଢ଼ ବିଶ୍ୱାସ ହିଁ ତାକୁ ରୋଗରୁ ମୁକ୍ତ କରିପାରିଛି । ଏଥିରେ ମୋର ଅବଦାନ କିଛି ନାହିଁ । ତଥାପି ଲୋକମାନେ ସାଧୁଙ୍କ ଉପରେ ଭରସା କରିଥିଲେ । ସାଧୁ ପୁଣି ବୁଝାଇ କହିଲେ, "ଏ କଥାଟି ମନେ ରଖ, ବିଶ୍ୱାସ ଥିଲେ ହିଁ ଚମତ୍କାର ହୁଏ । ଏହି ବିଶ୍ୱାସ ଏକାନ୍ତ ଭାବେ ନିଜ ଅନ୍ତରରୁ ଆସିବା ଉଚିତ୍ । କାହାଦ୍ୱାରା ଅନୁପ୍ରେରିତ ହୋଇ ନୁହେଁ । ଅସଲ କଥାଟି ଲୋକମାନେ ଏଥର ବୁଝିଯାଇ ନିଜକୁ ପ୍ରଥମେ ବିଶ୍ୱାସ କରିବାକୁ ଆରମ୍ଭ କଲେ ।

*- ଡ. ବିଜୟ ଚନ୍ଦ୍ର ମହାରଣା*

## ଜଣା ଅଜଣା

**ପ୍ରଶ୍ନ:**

୧) ମିସ୍ କିମ୍ କାମ୍ପବେଲ୍ କେଉଁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଥିଲେ ?
୨) ଜାପାନ ପାର୍ଲାମେଣ୍ଟର ନାମ କ'ଣ ?
୩) ଆମେରିକାର ରାଷ୍ଟ୍ରପତି ତାଲିକାରେ ବିଲ୍ କ୍ଲିଣ୍ଟନଙ୍କ ସ୍ଥାନରେ କ୍ରମିକ ସଂଖ୍ୟା କେତେ ?
୪) ଭାରତର ପ୍ରଥମ ନିର୍ବାଚନ କମିଶନରଙ୍କ ନାମ କ'ଣ ?
୫) ଦିଲ୍ଲୀକୁ କେବେ ଏକ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ପରିଗଣିତ କରାଯାଇଛି ?
୬) ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା କିଏ ?
୭) ୟୁନାଇଟେଡ୍ ନେସନ୍ସ ଅର୍ଗାନାଇଜେସନର ପ୍ରଥମ ସେକ୍ରେଟାରୀ ଜେନେରାଲ୍ କିଏ ?
୮) ବର୍ମା ଭାରତରୁ କେବେ ବିଛିନ୍ନ ହେଲା ?
୯) ମୀରାବାଈ କିଏ ?
୧୦) ତାଜମହଲ ନକ୍ସା କିଏ ଆଙ୍କିଥିଲେ ?

***ଉତ୍ତର: ୧) କାନାଡ଼ା, ୨)ଡାଏଟ୍, ୩) ୪୨ତମ ରାଷ୍ଟ୍ରପତି, ୪)ସୁକୁମାର ସେନ୍, ୫)୧୯୫୬, ୬) ଆଲାନ୍ ଅକ୍‌ଟାଭିଆନ୍ ହ୍ୟୁମ୍, ୭) ଟାଇଗେଲ୍‌ଭି, ୮)୧୯୩୭, ୯) ରାଜସ୍ଥାନର ରାଜଜେମା ଓ ଶ୍ରୀକୃଷ୍ଣଙ୍କର ପରମ ଭକ୍ତ, ୧୦) ଓସ୍ତାଦ ଇଷା***

## ଚିତ୍ରଟିରେ ରଙ୍ଗ ଦିଅ



# ଗୋନାସିକା-କାଞ୍ଜିପାଣି

ଆମ ଓଡ଼ିଶା ରାଜ୍ୟ ପ୍ରକୃତି ଶୋଭାରେ ପରିପୂର୍ଣ୍ଣ । ନଦୀ, ହ୍ରଦ, ସମୁଦ୍ର ଓ ବଣ ଜଙ୍ଗଲ ଏହାର ସୌନ୍ଦର୍ଯ୍ୟକୁ ପରିପୁଷ୍ଟ କରିଛନ୍ତି । ତା' ସହିତ ବଣ ଜଙ୍ଗଲରେ ଥିବା ବିଭିନ୍ନ ପ୍ରଜାତିର ପଶୁ, ପକ୍ଷୀ ଏଇ ବଣ ଜଙ୍ଗଲ ରାଇଜର ଶୋଭାକୁ ଅଧିକରୁ ଅଧିକ ମହନୀୟ କରିପାରିଛନ୍ତି । ଉଚ୍ଚ ପର୍ବତ ଶୃଙ୍ଗରୁ ନଦୀ ସବୁ ବହି ଆସି ଏହାର ଅବବାହିକା ଅଞ୍ଚଳକୁ ଉର୍ବର କରିଛନ୍ତି । ଏଣୁ ଆମ ରାଜ୍ୟ ଶସ୍ୟ-ଶ୍ୟାମଳା ହୋଇ ହସି ଉଠିଛି । କହିବାକୁ ଗଲେ ପ୍ରକୃତି ମା' ଏଇ ରାଜ୍ୟ ପ୍ରତି ଆଶୀର୍ବାଦ ଢ଼ାଳି ଦେଇଛି । ଏଇ ପ୍ରକୃତି ଭିତରେ ରହିଛି ଅନେକ ଦର୍ଶନୀୟ ସ୍ଥାନ । ଓଡ଼ିଶାର ନଦୀମାନଙ୍କ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ପ୍ରଭୃତି କେବଳ ପ୍ରଧାନ ନୁହନ୍ତି, ଅତି ପବିତ୍ର ମଧ୍ୟ । ପୁଣି ସେମାନଙ୍କ ଗତିପଥରେ ଅନେକ ଜଳପ୍ରପାତ ଅତ୍ୟନ୍ତ ରମଣୀୟ । ଏମିତି କହିବାକୁ ଗଲେ, ପ୍ରତ୍ୟେକ ନଦୀର ପବିତ୍ରତାକୁ ନେଇ ଅନେକ କିମ୍ବଦନ୍ତୀ ଅଛି । ତେବେ ଓଡ଼ିଶାର ପବିତ୍ର ତଥା ଦର୍ଶନୀୟ ସ୍ଥାନ ମଧ୍ୟରେ ପୂଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ କେବଳ ପବିତ୍ର ନୁହେଁ, ଅତ୍ୟନ୍ତ ଶୋଭାମୟ ।

ପବିତ୍ର ବୈତରଣୀ ନଦୀ ଗୋନାସିକା ପର୍ବତରୁ ଉତ୍ପତ୍ତି । ଗୋରୁନାକ ଭଳି ଏକ ପର୍ବତ ଗାତରୁ ବୈତରଣୀର ଜଳଧାର ଆତ୍ମ ପ୍ରକାଶ କରିଛି । ଏଣୁ ଏଇ ପର୍ବତ ମଧ୍ୟ ଗୋନାସିକା ନାମରେ ପରିଚିତ । ଏଇ ସ୍ଥାନ ସମୁଦ୍ର ଜଳପତନଠାରୁ ୩୧୦୦ ଫୁଟ ଉଚ୍ଚରେ ଅବସ୍ଥିତ । ବୈତରଣୀ ନଦୀ ଏଇଠୁ ଉତ୍ପତ୍ତି ହୋଇ ପ୍ରାୟ ୩୪୪ କି.ମି. ଅତିକ୍ରମ କରି ଧାମରାଠାରେ ସମୁଦ୍ର ସହିତ ଲୀନ ହୋଇଛି । ଏଇ ଗୋନାସିକା ପର୍ବତ ସବୁଠାରୁ ଆଦିମ



ଅଧିବାସୀମାନଙ୍କର ଜନ୍ମସ୍ଥଳୀ । ହେଲେ ବୈତରଣୀର କୂଳେ କୂଳେ ଅନେକ ଦେବଭୂମି ମଧ୍ୟ ଅବସ୍ଥିତ । ପ୍ରସିଦ୍ଧ 'ଆଖଣ୍ଡଳମଣୀ' ଶୈବ ପୀଠ ଏଇ ନଦୀର ପବିତ୍ରତାର ସକାରାତ୍ମକ ସୂଚନା ଦିଏ । ପୁଣି ଯାଜପୁରର ଶକ୍ତିପୀଠ ବିରଜାକ୍ଷେତ୍ର ଏଇ ନଦୀର ମହତ୍ତ୍ୱକୁ ଦ୍ୱିଗୁଣିତ କରିଥାଏ ।

କିମ୍ବଦନ୍ତୀ କହେ ବ୍ରହ୍ମା ଯୋଗ ବଳରେ ବୈତରଣୀ ଲୁପ୍ତ ଅବସ୍ଥା ଜାଣିପାରି ଯଜ୍ଞ ଆରମ୍ଭ କଲେ । ଏକ କୁଣ୍ଡ ପ୍ରତିଷ୍ଠା କଲେ । ଏହି କୁଣ୍ଡ ବ୍ରହ୍ମକୁଣ୍ଡ ନାମେ ନାମିତ । ସେ ଯଜ୍ଞରେ ଆହୁତି ପ୍ରଦାନ କରନ୍ତେ ଯଜ୍ଞକୁଣ୍ଡ ନିକଟ ପଥର ଫଟାଇ ବୈତରଣୀ ଉକ୍ତ କୁଣ୍ଡରେ ପତିତ ହେଲେ । କୁଣ୍ଡ ନିକଟରେ ରହିଛି 'ବ୍ରହ୍ମେଶ୍ୱର' ଶିବମନ୍ଦିର । ରାଜା ଲକ୍ଷ୍ମୀନାରାୟଣ ଏହାକୁ ପ୍ରତିଷ୍ଠା କରିଥିଲେ । ଏହି ମନ୍ଦିର ପିରସରରେ ଥିବା ଚମ୍ପାବନର ସୁଗନ୍ଧ ଦର୍ଶକର ପ୍ରାଣରେ ମାଦକତା ଆଣିଦିଏ ।

ବ୍ରହ୍ମେଶ୍ୱର ଶିବ ମନ୍ଦିର ନିକଟରେ ରହିଛି ଦେବକୁଣ୍ଡ । ଏହାର ଅତି ଶୀତଳଜଳ ନୈସର୍ଗିକ ସନ୍ତୋଷ ପ୍ରଦାନ କରିଥାଏ । ବାରୁଣୀ ବୁଡ଼ ପକାଇବା ନିମିତ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏଠାରେ ପହଞ୍ଚିଥାଆନ୍ତି ।

ଦେବକୁଣ୍ଡ ବ୍ୟତୀତ ତ୍ରିବେଣୀ କୁଣ୍ଡ ମଧ୍ୟ ଏକ ଆନନ୍ଦଦାୟକ ସ୍ଥାନ । ଏଠାରୁ ସ୍ନାନ ସାରି ଭକ୍ତ ମନ୍ଦିରକୁ ଦର୍ଶନ ଉଦ୍ଦେଶ୍ୟରେ ବାହାରିଥାଆନ୍ତି । ବୈତରଣୀ ଜଳଧାର ବିଷୟରେ ଏକ କିମ୍ବଦନ୍ତୀ ଅଛି । କଟା ଗୋରୁମୁଣ୍ଡ ରକ୍ତ ରଞ୍ଜିତ ହୋଇ ବୈତରଣୀରେ ବହିଯିବା ପରେ ଗୁପ୍ତ ହୋଇଗଲା । ଅର୍ଥାତ୍ ଏଠି ତଳକୁ ଭୂମି ଆର୍ଦ୍ର ରହିଲେ ମଧ୍ୟ ଧାରା ଅନ୍ତର୍ଦ୍ଧାନ । ଏଇ ଗୁପ୍ତ ଅଞ୍ଚଳ ଗୁପ୍ତଗଙ୍ଗା ନାମରେ ଜଣାଶୁଣା । ଏହାର ଭୂ-ତାତ୍ତ୍ୱିକ ତଥା ବୈଜ୍ଞାନିକ କାରଣ ଥିଲେ ମଧ୍ୟ ମଣିଷ ମନରେ ଐଶ୍ୱରୀୟ ପ୍ରଭାବ ପକାଇଥାଏ । ବୈତରଣୀର ପ୍ରଥମ ଧାରା ହିଁ ସୁରଗଙ୍ଗା ।

ଓଡ଼ିଶାର ଶୀତଳତମ ସ୍ଥାନ ମଧ୍ୟରେ ଫୁଲବାଣୀ ଜିଲ୍ଲାର ଦାରିଙ୍ଗିବାଡ଼ି ପ୍ରଥମ । ତେବେ ଗୋନାସିକା କିଛି କମ୍ ଶୀତଳ ସ୍ଥାନ ନୁହେଁ । ଗୋନାସିକା ଭ୍ରମଣରେ ଗଲେ କାଞ୍ଜିପାଣି ଘାଟୀ ଦେଇ ଯିବାକୁ ହୁଏ । ପାହାଡ଼ର ଛାତି ଚିରି କାଞ୍ଜିପାଣି ରାସ୍ତା ଲମ୍ବିଯାଇଛି । ଘାଟି ରାସ୍ତା ଦୀର୍ଘ ୧୯ କିଲୋମିଟର । କିନ୍ତୁ ପ୍ରାୟ ୬୦ ବର୍ଗ କିଲୋମିଟର ପରିମିତି ଅଞ୍ଚଳରେ ପରିବ୍ୟାପ୍ତ ଏଇ ଘାଟି ଅଞ୍ଚଳ କମନୀୟ ତଥା ନମନୀୟ । କାଞ୍ଜିପାଣି ପରି ଥଣ୍ଡା ଏଇ ଅଞ୍ଚଳ । ମାନେ ଖୁବ୍ ଥଣ୍ଡା । ଖରାଦିନେ ଅତ୍ୟନ୍ତ ଉପଭୋଗ୍ୟ ସ୍ଥାନ । ଉଭୟ ପାର୍ଶ୍ୱ ଘଞ୍ଚ ଜଙ୍ଗଲ । ଅବଶ୍ୟ ଏହାର ଘଞ୍ଚତା ଦିନକୁ ଦିନ କ୍ଷୀଣ ହୋଇ ଆସୁଛି । ତଥାପି ବର୍ତ୍ତମାନ ମଧ୍ୟ ରମଣୀୟ ତଥା ଯାଦୁକାରୀ । ଘାଟିରେ ରାତି ସମୟରେ ବସ୍‌ଯାତ୍ରା ମଧ୍ୟରେ ଜୁଆଙ୍ଗମାନଙ୍କର ପାରମ୍ପରିକ ବାଦ୍ୟର ତାଳ ସହିତ ଜୁଆଙ୍ଗ ରମଣୀଗଣଙ୍କର ମଧୁର ସଙ୍ଗୀତ ମୂର୍ଚ୍ଛନା ପ୍ରାଣ ଭିତରେ ଶିହରଣ ଭରିଦିଏ । ତା' ସାଙ୍ଗକୁ ବିଭିନ୍ନ ଜଙ୍ଗଲ ଫୁଲର ମହକ, ପ୍ରାକୃତିକ ନୈସର୍ଗିକ ପରିବେଶ ଅତ୍ୟନ୍ତ ଆମୋଦଦାୟକ । କେଉଁଝରଠାରୁ ୨୯ କିଲୋମିଟର ରାସ୍ତା ଉପରକୁ ଉଠି ଆସିଲେ କାଞ୍ଜିପାଣି ଘାଟି ଆରମ୍ଭ ।

ପିଲାମାନେ, କାଞ୍ଜିପାଣି ଘାଟି ପରି ତୁମେମାନେ ଶୀତଳ ହୁଅ । ଦେଖିବ କାଞ୍ଜିପାଣି ପରି ତୁମେମାନେ ମଧ୍ୟ ଅନ୍ୟକୁ ଆକର୍ଷିତ କରିପାରିବ ।

## ସବୁତ ପାଖରେ ଅଛି

*-ପ୍ରତିଭା ଦାସ*

ବୈକୁଣ୍ଠ କେଉଁଠି କାହିଁକି ଖୋଜିବି
ଅଛି ସେ ପରିବାରରେ ।
କୈଳାସ କେଉଁଠି କାହିଁକି ଖୋଜିବି
ଅଛି ତା ପରିବେଶରେ ।
ବନ୍ଧୁ ପରିଜନ ପଡ଼ୋଶୀ ସମ୍ପର୍କ
ଗୁରୁଜନ ସାଙ୍ଗସାଥୀ ।
ସୁଖେ ଜ୍ଞାତି କୁଟୁମ୍ବ ସହିତ ଥିଲେ
ସିଏତ ଅମରାବତୀ ।
ନାନାଜାତି ଫୁଲ ଫଳ ଔଷଧୀୟ
ଛୋଟ ଏକ ଉପବନ ।
କରିପାର ଯଦି ଯତନରେ ସିଏ
ନୁହେଁ କି ନନ୍ଦନ ବନ !
ସ୍ୱର୍ଗ ସବୁବେଳେ ଲୁଚିଛି ମନରେ
ମିଳଇ ସେ ସନ୍ତୋଷରେ ।
ପରୋପକାରୟ ସ୍ୱର୍ଗୀୟ ବୋଲି
ଲେଖା ପୁରାଣ ପୃଷ୍ଠାରେ ।
କ୍ଷୁଧାର୍ଥକୁ ଅନ୍ନ ତୃଷାର୍ତ୍ତକୁ ଜଳ
ଦେଲେ ମିଳେ ସବୁ ପୂଣ୍ୟ
ଯେତକ ଅରିଷ୍ଟ ହୋଇବ ଖଣ୍ଡନ
କରିଲେ ବୃକ୍ଷ ରୋପଣ ।
ପ୍ରେମ ଦୃଢରଜ୍ଜୁ ଯହିଁରେ ବନ୍ଧା
ଆତ୍ମା ସହ ପରମାତ୍ମା
ଦୁର୍ଜୟ ଦୁର୍ଗ ମଣିଷର ମନ
ଜାଣିପାରେ ଯେ ମହାତ୍ମା ।
ଅଦୃଷ୍ଟ ଜଣେ ସଂସାର ଚାଳକ
ଶକ୍ତିଶାଳୀ ଧର୍ମବଳ
ଧରଯ, ଦୟା, ସଂକଳ୍ପ ସାଧନା
ଫଳ ତ ଅମୂଲ ମୂଲ ।



# ଅଚ୍ୟୁତ ସାମନ୍ତଙ୍କୁ ମହାତ୍ମା ସମ୍ମାନ-୨୦୨୪




**ଭୁବନେଶ୍ୱର,(କ.ବ୍ୟୁ):** ଶିକ୍ଷାବିତ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି।

ପ୍ରତିବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥାଏ ମହାତ୍ମା ପୁରସ୍କାର। ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭାରତର ବିଶିଷ୍ଟ ସିଏସଆର୍ ମ୍ୟାନ କୁହାଯାଉଥିବା ଅମିତ ସଚଦେବାଙ୍କ ଉଦ୍ୟମରେ ଏହି ମହାତ୍ମା ସମ୍ମାନ ଆରମ୍ଭ କରାଯାଇଥିଲା। ସମାଜର ବିକାଶମୂଳକ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ୨୦୧୬ରୁ ଦିଆଯାଇ ଆସୁଥିବା ଏହି ସମ୍ମାନ ରତନ ଟାଟା, ଅଜିମ ପ୍ରେମଜୀ, ବିନ୍ଦେଶ୍ୱର ପାଠକ, ସବାନା ଆଜମୀଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ପାଇଁ ଏକ ଚୟନ କମିଟି ରହିଛି। ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଦୀର୍ଘ ୩୩ ବର୍ଷ ଧରି ଅଚ୍ୟୁତ ସାମନ୍ତ ଶିକ୍ଷା ଓ ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ଜନଜାତି ଓ ସମାଜର ଅବହେଳିତ ବର୍ଗଙ୍କ ବିକାଶ ତଥା ସମାଜରେ ଅସମାନତା ଦୂର ନେଇ ମହାତ୍ମା ଗାନ୍ଧୀଙ୍କ ଯେଉଁ କାର୍ଯ୍ୟଧାରା ଥିଲା କିସ୍ ଜରିଆରେ ଶ୍ରୀ ସାମନ୍ତ ସେହି କାର୍ଯ୍ୟକୁ ଗତ ତିନି ଦଶନ୍ଧୀ ଧରି ତ୍ୱରାନ୍ୱିତ କରିଆସୁଛନ୍ତି। ତାଙ୍କର ଏହି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ପାଇଁ ତାଙ୍କୁ ଆଜି ମହାତ୍ମା ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ସୁଧା ମୂର୍ତ୍ତି, ଓଡ଼ିଶୀ ଓ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଓ ଗୁରୁ ସୋନାଲ ମାନସିଂହଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାଜଶ୍ରୀ ବିର୍ଲା ଓ ପୁଡୁଚେରୀର ପ୍ରାକ୍ତନ ଲ୍ୟୁଟନାଣ୍ଟ ଗଭର୍ଣ୍ଣର କିରଣ ବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସିଏସଆର୍ ଗୁଡ଼ ବୁକ୍ ସମ୍ପାଦକ ତଥା ମହାତ୍ମା ଆୱାର୍ଡ ନିର୍ଦ୍ଦେଶକ ମୁଗଧା ଆରୋରା ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମାନକୁ ଶ୍ରୀ ସାମନ୍ତ କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଛନ୍ତି।

# ସମଗ୍ର ଦେଶ ଏବେ ସଂପୂର୍ଣ୍ଣ ସ୍ୱଚ୍ଛତା ଆଡକୁ ଗତି କରୁଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(କ.ବ୍ୟୁ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ମହାନଗର ନିଗମର ସଫେଇ କର୍ମଚାରୀ ମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରି ସେମାନଙ୍କୁ ସମ୍ମାନିତ କରିଛନ୍ତି। ମହାତ୍ମା ଗାନ୍ଧିଙ୍କ ୧୫୫ ତମ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓୟୁଏଟିର ସ୍ୱାମୀନାଥନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସଫେଇ କର୍ମଚାରୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଆମ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଆମକୁ ସୁସ୍ଥ ମଧ କରି ରଖୁଛନ୍ତି। "ଆପଣମାନଙ୍କୁ ବାରମ୍ବାର, ଅନେକବାର ଧନ୍ୟବାଦ।"

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସହର ଓ ସମାଜ ପାଇଁ ସଫେଇକର୍ମୀ ଭାଇ ଭଉଣୀମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ସହିତ ସେମାନଙ୍କର ମାନବିକ ମୂଲ୍ୟବୋଧକୁ ସମ୍ମାନ ଜଣାଉଛି। ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବୃକ୍ଷର ମହତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସମସ୍ତେ ଜାଣନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସାରା ଦେଶରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଓଡିଶାରେ ଏହି ଅଭିଯାନରେ ୫କୋଟି ଗଛ ଲଗେଇବାର ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪କୋଟି ୪୦ ଲକ୍ଷ ଗଛ ଲଗାଯାଇ ସାରିଲାଣି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସଫେଇ ଅଭିଯାନରେ ସମସ୍ତେ ଯୋଡିହେବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ନିଜର ଭାଗିଦାରୀ ସ୍ୱରୂପ ପ୍ରତ୍ୟେକ ନାଗରିକ ଏଥିପାଇଁ ସଚେତନ ହୁଅନ୍ତୁ। ପ୍ରତ୍ୟେକ ନାଗରିକ ନିଜ ଘର, ବ୍ୟବସାୟୀକ ପ୍ରତିଷ୍ଠାନ, ଅନୁଷ୍ଠାନ ଆଦିର ଚତୁଃପାର୍ଶ୍ୱକୁ ଅତି କମରେ ୫ ମିଟର ପର୍ଯ୍ୟନ୍ତ ସଫା ରଖିବା ଦରକାର। ଆମେ ନିଜେ ନିଜର ପରିବେଶକୁ ସ୍ୱଚ୍ଛ ରଖିବା ସହ ସୁସ୍ଥ ରହିବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




ଭୁବନେଶ୍ୱରରେ ସଫେଇ ଅଭିଯାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ହିଁ ସେବା। ସ୍ୱଚ୍ଛତା ରକ୍ଷାରେ ନାଗରିକମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବାର ମାଧ୍ୟମ ହେଉଛି ଏହି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୧୪୦ଟି 'କ୍ଲିନ୍‌ଲିନେସ୍ ଟାର୍ଗେଟ ୟୁନିଟ୍' ନିଆଯାଇଛି ବୋଲି ସେ କହିଥିଲେ। ବର୍ଜ୍ୟବସ୍ତୁ ପୂର୍ଣ୍ଣ ସ୍ଥାନଗୁଡିକ ଲୋକଙ୍କ ସହଯୋଗରେ ପରିଷ୍କାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏଥି ମଧ୍ୟରୁ ପ୍ରାୟ ୨୦ଟି ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯାଇଛି ଏବଂ ସେଠାରେ ତୁଳସୀ, ବେଲ ଆଦି ବୃକ୍ଷ ରୋପଣ କରାଯାଉଛି। ସ୍ଥାନୀୟ ଆବାସିକ ସଂଗଠନ, ବ୍ୟବସାୟୀ ସଂଗଠନ ଏବଂ ଯୁବ ଗୋଷ୍ଠୀଙ୍କୁ ନେଇ ଏହା କରାଯାଉଛି। ଯେତେବେଳେ ସ୍ୱଚ୍ଛତାରେ ସମସ୍ତଙ୍କର ଭାଗୀଦାରୀ ବଢିବ, ସେତେବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସମ୍ଭବ ହେବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦୀର୍ଘ ୧୫ ଦିନ ହେଲାଣି ଗଣ ସଫେଇ ଜାରି ରହିଛି। ୩ଟି ଜୋନର ୧୬ଟି ସ୍ଥାନରେ ଗଣ ସଫେଇ ହୋଇଛି। ଏହି ଗଣ ସଫେଇରେ ହାରାହାରି ୬୦ ମେଟ୍ରିକ ଟନରୁ ଅଧିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ମହାନଗର ନିଗମର ୫ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ସେମାନେ ହେଲେ ସୁକାନ୍ତି ସିଂହ, ଜାନକୀ ବେହେରା, ଅଭିମନ୍ୟୁ ଗୋଛାୟତ, ରମା ନାୟକ ଓ ଶରତ ନାୟକ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ କହିଲ ଯେ ମହାତ୍ମା ଗାନ୍ଧି ନିଜର ବିଚାରଧାରା ଯୋଗୁଁ ସାରା ବିଶ୍ୱ ପାଇଁ ଆଗର୍ଶ ସୃଷ୍ଟି କରିଛନ୍ତି। ସ୍ୱାଧୀନ ଭାରତରେ ମାନସିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇଥିଲେ ମଧ ଶାରୀରିକ ପରିଶ୍ରମକୁ ଗୁରୁତ୍ୱ ଦିଆଯାଇ ନାହିଁ ବୋଲି ସେ କହିଥିଲେ। ସେଥିପାଇଁ ସଫେଇ କର୍ମଚାରୀ ହୁଅନ୍ତୁ ବା ନିର୍ମାଣ ଶ୍ରମିକ, ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଜଣାଇବାର ଏ ହେଉଛି ଏକ ମହାନ୍ କାର୍ଯ୍ୟକ୍ରମ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିବା ପରଠାରୁ ବର୍ତ୍ତମାନ ସୁଦ୍ଧା ଦେଶର ୫.୫୦ ଲକ୍ଷ ଗାଁ ବାହ୍ୟମଳ ମୁକ୍ତ ଗ୍ରାମରେ ପରିଣତ ହୋଇ ସାରିଛି। ସେ କହିଥିଲେ ଯେ ସ୍ୱଚ୍ଛତା କେବଳ ସରକାରଙ୍କ କାମ ନୁହେଁ, ଏଥିରେ ସବୁ ଜନସାଧାରଣଙ୍କ ଭାଗିଦାରୀ ରହିବା ଆବଶ୍ୟକ।

ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିଗମର କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

## ଓରମାସ୍ ତରଫରୁ ରପ୍ତାନୀ ଏବଂ ଇ-କମର୍ସ ସମ୍ପର୍କିତ କର୍ମଶାଳା

# ବିଭିନ୍ନ ସଂସ୍ଥା ସହିତ ୪ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,(କ.ବ୍ୟୁ):** ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓର୍‌ମାସ ଦ୍ୱାରା ଆୟୋଜିତ ଦୁଇଦିନିଆ ରପ୍ତାନୀ ଓ ଇ-କମର୍ସ କର୍ମଶାଳା ଏବଂ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ମାନ୍ୟବର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ କୃଷି ଭବନ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁଶୀଲ କୁମାର ଲୋହନୀ, ଓର୍‌ମାସ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ନାବାର୍ଡର ସିଜିଏମ୍ ଓ ଡିଜି-ଇଡିଆଇଆଇଙ୍କ ଉପସ୍ଥିତିରେ ଓର୍‌ମାସ୍ ପକ୍ଷରୁ ଚାରିଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।




ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତା ଏବଂ ମାନ ଆଦି ବଜାରରେ ମିଳୁଥିବା ଅନ୍ୟ ସାମଗ୍ରୀମାନଙ୍କଠାରୁ ଢେର ଉନ୍ନତ। ଏହାର ବିପଣନ ଦିଗରେ ଓର୍‌ମାସ୍‌ର ଭୂମିକା ମଧ ଅତୁଳନୀୟ। ତେଣୁ ଆଗାମୀ ଦିନରେ ଏହିସବୁ ସାମଗ୍ରୀର ରପ୍ତାନୀ ଏବଂ ଅନ୍-ଲାଇନ ମାର୍କେଟିଂ ଉପରେ ଆମ୍ଭମାନଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ପଡିବ। ଫଳରେ ଆମ ରାଜ୍ୟର ଗ୍ରାମୀଣ ଉତ୍ପାଦର ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ଚାହିଦା ବଢିବା ସହ ଗ୍ରାମୀଣ କାରିଗରମାନେ ଲାଭାନ୍ୱିତ ହୋଇପାରିବେ। ଏହା ସହ ପ୍ରତିଯୋଗିତାମୂଳକ ବଜାରରେ ଏଣିକି ଗ୍ରାମୀଣ ଉତ୍ପାଦଗୁଡିକୁ ମୁକାବିଲା କରିବାକୁ ପଡିବ। ରାଜ୍ୟ ଓ ଜାତୀୟ ବଜାର ସହ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଏହାର ଚାହିଦା ବଢାଇବା ପାଇଁ ପଦକ୍ଷେପ ନେବାକୁ ପଡିବ। ଜାତୀୟସ୍ତରରେ ଏହି ସାମଗ୍ରୀଗୁଡିକୁ ଅନ୍-ଲାଇନ ବଜାରରେ ଉପଲବଧ କରାଇବା ଜରୁରୀ ହୋଇପଡିଛି। ଏ ଦିଗରେ, ଉତ୍ପାଦଗୁଡିକର ଗୁଣବତ୍ତା, ପ୍ୟାକେଜିଂ, ବ୍ରାଣ୍ଡିଂ ଆଦିକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ ବୋଲି ମାନ୍ୟବର ମନ୍ତ୍ରୀ ମତପ୍ରକାଶ କରିଥିଲେ। ଏହି ଅବସରରେ ଓରମାସ ଦ୍ୱାରା ୪ଟି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଗୋଷ୍ଠୀସ୍ତରୀୟ ସଂଗଠନଗୁଡିକୁ ଧୂପକାଠି ପ୍ରସ୍ତୁତି ଏବଂ ବିକ୍ରୟରେ ସହଯୋଗ ପାଇଁ ଆଇ.ଟି.ସି କମ୍ପାନି ସହିତ, କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ କମ୍ପାନି ଏବଂ ଉତ୍ପାଦକ ଉଦ୍ୟୋଗ ଆଦିକୁ ଖାଦ୍ୟ ସାମଗ୍ରୀ, ଫଳ, ପରିବା, ଡାଲି ଜାତୀୟ ଶସ୍ୟ ଆଦି ବିକ୍ରୟ ପାଇଁ ଭାରତ ମସଲା କମ୍ପାନି ସହିତ, ଗୋଷ୍ଠୀସ୍ତରୀୟ ସଂଗଠନ ସଦସ୍ୟମାନଙ୍କର ଦକ୍ଷତା ବିକାଶ ଏବଂ ଆନୁଷଙ୍ଗିକ ସହାୟତା ପ୍ରଦାନ ଦିଗରେ ଅହମଦାବାଦ ସ୍ଥିତ ଇ.ଡି.ଆଇ.ଆଇ ସଂସ୍ଥା ଏବଂ କର୍ଣ୍ଣାଟକ ରାଜ୍ୟ ମହୀଶୁର ସ୍ଥିତ ସି.ଏଫ.ଟି.ଆର.ଆଇ ସଂସ୍ଥା ସହିତ ଫଳ ଅମଳର ପରବର୍ତ୍ତୀ ପ୍ରକ୍ରିୟା କାର୍ଯ୍ୟକ୍ରମ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ତାଲିମ୍ ଓ ବୈଷୟିକ ଜ୍ଞାନକୌଶଳ ଦିଗରେ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିବା ନିମନ୍ତେ ଏହି ବୁଝମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ନାଏକ ଏବଂ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଲୋହାନୀଙ୍କ ଉପସ୍ଥିତିରେ ଓରମାସ ତରଫରୁ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଓର୍‌ମାସ୍ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ ଗୋଷ୍ଠୀ ଓ ଉତ୍ପାଦକ ଉଦ୍ୟୋଗ ଆଦି ଦ୍ୱାରା ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡିକର ଏକ କ୍ଷୁଦ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉନ୍‌ମୋଚନ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ଗ୍ରାମୀଣ ଉତ୍ପାଦର ରପ୍ତାନୀ ଏବଂ ଇ-କମର୍ସ କାରବାକୁ ନେଇ ବୈଷୟିକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ଏଥିରେ ନାବାର୍ଡ, ଓ.ଏନ.ଡି.ସି, ଜେମ୍, ସ୍ପାଇସେସ୍ ବୋର୍ଡ, ଆପେଡା, ଇ.ପି.ସି.ଏଚ୍ ଏବଂ ଏଚ୍.ଏଚ୍.ଇ.ଡବ୍ଲ୍ୟୁ.ଏ ଆଦି ଦେଶର ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ବିଶେଷଜ୍ଞ, ବରିଷ୍ଠ ଅଧିକାରୀ, ପ୍ରତିନିଧି ଏବଂ ରିସୋର୍ସ ପର୍ସନମାନେ ଯୋଗଦେଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲ। କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ଜିଲ୍ଲାରୁ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନିର ସଦସ୍ୟ, ବୋର୍ଡ ଅଫ୍ ଡାଇରେକଟର୍ସ, କର୍ମକର୍ତ୍ତା, ଓର୍‌ମାସ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଜନେସ ମ୍ୟାନେଜର ପ୍ରମୁଖ ଯୋଗଦେଇଥିଲେ।

## ନୂତନ ସରକାରଙ୍କର ବଡ ପଦକ୍ଷେପ

# ନିଯୁକ୍ତି ପାଇବେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

**ଭୁବନେଶ୍ୱର,(କ.ବ୍ୟୁ):** ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଶନିବାର ନିଯୁକ୍ତି ପତ୍ର ପ୍ରଦାନ କରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ।

କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଶିକ୍ଷାଦାନକୁ ଗୁଣାତ୍ମକ କରିବା ଦିଗରେ ଏହି ନିଯୁକ୍ତି ଏକ ବଡ ପଦକ୍ଷେପ ହେବ। ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ କରିବା ଏବଂ ପିଲାଙ୍କ ଭବିଷ୍ୟତ ଗଢିବା ଦିଗରେ ଏହା ସହାୟକ ହେବ। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରଖିଥିବାବେଳେ ଏହି ପଦକ୍ଷେପ ଲକ୍ଷ୍ୟ ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚୟନ ହୋଇଥିବା ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟରୁ ଅନୁଗୋଳ ଜିଲ୍ଲାରେ ୪୨୪ ଜଣ, ବାଲେଶ୍ୱର ଜିଲ୍ଲାରେ ୬୦୦ଜଣ, ବରଗଡ ଜିଲ୍ଲାରେ ୪୭୯ଜଣ, ଭଦ୍ରକ ଜିଲ୍ଲାରେ ୨୬୦ଜଣ, ବଲାଙ୍ଗିର ଜିଲ୍ଲାରେ ୧୦୮୦ଜଣ, ବୌଦ୍ଧ ଜିଲ୍ଲାରେ ୬୫ଜଣ, କଟକ ଜିଲ୍ଲାରେ ୮୯୩ଜଣ, ଦେବଗଡ ଜିଲ୍ଲାରେ ୨୧ଜଣ, ଢେଙ୍କାନାଳ ଜିଲ୍ଲାରେ ୫୮୩ଜଣ, ଗଜପତି ଜିଲ୍ଲାରେ ୧୩ଜଣ, ଗଞ୍ଜାମ ଜିଲ୍ଲାରେ ୧୨୬୪ଜଣ, ଜଗତସିଂହପୁର ଜିଲ୍ଲାରେ ୮୮ଜଣ, ଯାଜପୁର ଜିଲ୍ଲାରେ ୮୭୨ଜଣ, ଝାରସୁଗୁଡା ଜିଲ୍ଲାରେ ୩୮ଜଣ, କଳାହାଣ୍ଡି ଜିଲ୍ଲାରେ ୮୧୧ ଜଣ, କନ୍ଧମାଳ ଜିଲ୍ଲାରେ ୧୫୧ଜଣ, କେନ୍ଦ୍ରାପଡା ଜିଲ୍ଲାରେ ୧୦୩୮ଜଣ, କେନ୍ଦୁଝର ଜିଲ୍ଲାରେ ୧୩୨୯ ଜଣ, ଖୋର୍ଦ୍ଧା ଜିଲ୍ଲାରେ ୭୫୩ ଜଣ, କୋରାପୁଟ ଜିଲ୍ଲାରେ ୯୨୨ଜଣ, ମାଲକାନଗିରି ଜିଲ୍ଲାରେ ୫୫୫ଜଣ, ମୟୂରଭଞ୍ଜ ଜିଲ୍ଲାରେ ୮୨୭ ଜଣ, ନବରଙ୍ଗପୁର ଜିଲ୍ଲାରେ ୮୬୦ ଜଣ, ନୟାଗଡ ଜିଲ୍ଲାରେ ୮୩ ଜଣ, ନୂଆପଡା ଜିଲ୍ଲାରେ ୨୨୧ ଜଣ, ପୁରୀ ଜିଲ୍ଲାରେ ୭୩୩ଜଣ, ରାୟଗଡା ଜିଲ୍ଲାରେ ୫୧୧ ଜଣ, ସମ୍ବଲପୁର ଜିଲ୍ଲାରେ ୨୧୮ ଜଣ, ସୁବର୍ଣ୍ଣପୁର ଜିଲ୍ଲାରେ ୧୫୭ ଜଣ ଏବଂ ସୁନ୍ଦରଗଡ ଜିଲ୍ଲାରେ ୧୬୦ ଜଣ ନିଯୁକ୍ତି ପାଇବାକୁ ଯାଉଛନ୍ତି।

# ଶ୍ରବଣବାଧିତ ଯୁବବର୍ଗ ଆତିଥ୍ୟ କ୍ଷେତ୍ରରେ ବୃତ୍ତିକୁ ଆପଣାଇବା ପାଇଁ ଆଇଏଚ୍‌ଏମ୍ ଭୁବନେଶ୍ୱରର ପ୍ରୟାସ

**ଭୁବନେଶ୍ୱର,(କ.ବ୍ୟୁ):** ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରାୟୋଜିତ ୧୫୦ ଜଣ ଶ୍ରବଣବାଧିତ ଯୁବକଯୁବତୀଙ୍କୁ ଆତିଥ୍ୟ କାର୍ଯ୍ୟରେ ତାଲିମ ଦେବା ପାଇଁ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍), ଭୁବନେଶ୍ୱର ବିଶେଷ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କର ଦକ୍ଷତା ବୃଦ୍ଧି ସହ ନିଯୁକ୍ତି ସମ୍ଭାବନା ବୃଦ୍ଧି ନିମନ୍ତେ ଏହି ଅଭୂତପୂର୍ବ କାର୍ଯ୍ୟକ୍ରମ ବେଶ୍ ଫଳପ୍ରଦ ହୋଇଛି। ପ୍ରଥମ ପର୍ଯ୍ୟାୟର ପ୍ରଶିକ୍ଷାର୍ଥୀମାନେ ଅକେଫାବର ୨୦୨୪ରେ ସେମାନଙ୍କର ପ୍ରଶିକ୍ଷଣ ସମାପ୍ତ କରିବେ ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ନାମୀଦାମୀ ଆତିଥେୟତା ପ୍ରଦାନକାରୀ ସଂସ୍ଥାରୁ ନିଯୁକ୍ତିର ସୁଯୋଗ ପାଇସାରିଛନ୍ତି।

ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୩ ଜଣ ଜାମସେଦପୁରରେ ଅନୁଷ୍ଠିତ ସମ୍ମାନଜନକ ଜାତୀୟ ଆବିଲିମ୍ପିକ୍ ଇଭେଣ୍ଟରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଏହି ଜାତୀୟ ପ୍ଲାଟଫର୍ମ ସେମାନଙ୍କୁ ଦେଶର ଅନ୍ୟ ଦକ୍ଷ ବିଦ୍ୟାର୍ଥୀଙ୍କ ସହ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ସହିତ ପ୍ରତଦ୍ୱନ୍ଦିତା କରିବାର ସୁଯୋଗ ପ୍ରଦାନ କରିବ। ଶ୍ରୀ ନିତ୍ୟାନନ୍ଦ ସିଂ ପଦକ ଜିତିବା ସହ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇଏଚ୍‌ଏମ୍ ଭୁବନେଶ୍ୱରଙ୍କ ଏହି ପଦକ୍ଷେପ ଶ୍ରବଣବାଧିତ ଯୁବକମାନଙ୍କ ପାଇଁ ବୃତ୍ତିଗତ ସୁଯୋଗ ସୃଷ୍ଟି କରିବା ସହ ଆତିଥ୍ୟ ଶିଳ୍ପରେ ଉନ୍ନତ ପ୍ରଦର୍ଶନ ନିମନ୍ତେ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ। ଶାରୀରିକେ ଦକ୍ଷତା ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କୁଶଳୀ କରି ଏକ ସମାବେଶୀ ମାନବସମ୍ବଳ ସୃଷ୍ଟି କରବା ପାଇଁ ଆଇଏଚ୍‌ଏମ୍ ତା'ର ପ୍ରୟାସ ଜାରି ରଖିଛି।

## ସହରାଞ୍ଚଳରେ ରାସ୍ତାଘାଟ ଓ ଜଳଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର,(କ.ବ୍ୟୁ):** ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ ସିଂ, ଗୃହନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ସମେତ ବିଭିନ୍ନ ଜିଲ୍ଲା ତଥା ବିଭାଗୀୟ ପଦାଧିକାରୀବୃନ୍ଦ ଯୋଗଦେଇଥିଲେ।

ବୈଠକରେ ବିଭିନ୍ନ ଜିଲ୍ଲା ତଥା ମୁନିସିପାଲିଟିରୁ ଆସିଥିବା ବ୍ୟକ୍ତିବିଶେଷ ନିଜ ନିଜ ଅଞ୍ଚଳର ସମସ୍ୟା ଯଥା-ରାସ୍ତାଘାଟ, ଜଳଯୋଗାଣ ସମସ୍ୟା ବିଷୟରେ ମନ୍ତ୍ରୀମାନଙ୍କୁ ଜଣାଇଥିଲେ। ଏହିସବୁ ସମସ୍ୟାଗୁଡିକର ତ୍ୱରିତ ସମାଧାନ ପାଇଁ ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା। ସଂପୃକ୍ତ ବିଭାଗୀୟ ଅଧିକାରୀ ଏ ବାବଦରେ କାର୍ଯ୍ୟର ଅଗ୍ରଗତି ନେଇ ତଥ୍ୟ ପ୍ରଦାନ କରିଥିଲେ। ଏହି ତଥ୍ୟକୁ ଆଧାର କରି ସଂପୃକ୍ତ ବିଭାଗକୁ କାର୍ଯ୍ୟ ଶେଷ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଠିକ୍ ସମୟରେ କାର୍ଯ୍ୟ ସମାପ୍ତି ନ ଘଟିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଝାରସୁଗୁଡା ଓ ବ୍ରଜରାଜନଗର ସହରାଞ୍ଚଳର ସାମୂହିକ ବିକାଶ ସଂପର୍କରେ ଆଲୋଚନା କରାଯାଇ ଉଭୟ ସହରାଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠିରୁ ଚାଲୁରହିଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ବ୍ୟତୀତ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିଏମ୍‌ଏଫ୍ (ଜିଲ୍ଲା ଖଣିଜ ପାଣ୍ଠି) ବ୍ୟତୀତ ସରକାରଙ୍କଠାରୁ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ନେଇ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟ ଆଗାମୀ ନଭେମ୍ବର ୩୦ ତାରିଖ ସୁଦ୍ଧା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଉଭୟ ସହରରେ ବସ୍ତିବାସିନ୍ଦାମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଜାଗା ଯୋଗାଇଦେବା ପାଇଁ ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ପ୍ରକଳ୍ପିତ ନୂତନ ବସ୍‌ଷ୍ଟାଣ୍ଡର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଓବିସିସିଏଲ୍ ହାତକୁ ନେଇଥିବାବେଳେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବସ୍ ରହଣି ସୁବ୍ୟବସ୍ଥିତ କରିବା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଦିଗରେ ମଧ ଆଲୋଚନା ହୋଇଥିଲା। ବିଭାଗ ପକ୍ଷରୁ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ କୁହାଯାଇଛି।

# ଯୋଗାଣ ବିଭାଗ ଉଚ୍ଚସ୍ତରୀୟ ଟିମ୍‌ର ଛତିଶଗଡ ଗସ୍ତ

## ସାଧାରଣ ବଣ୍ଟନ, ଧାନସଂଗ୍ରହ ଓ ଗୋଦାମ ପରିଚାଳନା ନେଇ କ୍ଷେତ୍ର ପରିଦର୍ଶନ

**ଭୁବନେଶ୍ୱର,(କ.ବ୍ୟୁ):** ରାଜ୍ୟରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥାରେ ଉନ୍ନତିକରଣ ଓ ଚାଷୀ ମାନଙ୍କ ପ୍ରଗତି ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀ ମାନଙ୍କୁ ବୋନସ ପ୍ରଦାନ ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ନିକଟରେ ଛତିଶଗଡ ଗସ୍ତ କରିଥିଲେ। ସେଠାରେ କ୍ଷେତ୍ର ପରିଦର୍ଶନ ସହ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ଧାନ ସଂରକ୍ଷଣ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ବାବଦରେ ଅବଗତ ହୋଇଥିଲେ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟର ୭୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ଥିଲେ। ଏହି ପ୍ରତିନିଧି ମଣ୍ଡଳୀର ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ପଡୋଶୀ ରାଜ୍ୟ ଛତିଶଗଡର ପ୍ରତିପକ୍ଷମାନଙ୍କ ସହ ଆଲୋଚନା କରି ଚାଷୀମାନଙ୍କ ଦ୍ୱାରା ଗୋଦାମ ଓ ପ୍ୟାକ୍ସ ପରିଚାଳନା, ଧାନସଂଗ୍ରହ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମ୍ପର୍କରେ ପଚାରି ବୁଝିବା ସହ ପିଡ଼ିଏସ ମାଧ୍ୟମରେ ଚାଉଳ ଓ ଗହମ ସମେତ ଚିନି, ଗୁଡ ଓ ଲୁଣ ବଣ୍ଟନର ଅନୁଧ୍ୟାନ କରିଥିଲେ।

ଏଥିସହ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ଏହି ପ୍ରତିନିଧି ମଣ୍ଡଳୀ ଛତିଶଗଡର ଖାଦ୍ୟଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ ଶ୍ରୀ ଦୟାଲ୍ ଦାସ ବାଘେଲ୍, ସମବାୟ ମନ୍ତ୍ରୀ ଶ୍ରୀ କେଦାର କାଶ୍ୟପଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ ଆଲୋଚନା କରିଥିଲେ। ଏତଦବ୍ୟତୀତ ଛତିଶଗଡରେ ବିଧାନସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ପ୍ରବାସୀ ଓଡିଆ ଶ୍ରୀ ପୁରନ୍ଦର ମିଶ୍ରଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ।

ଏହି ଗସ୍ତ ଅବସରରେ ବୈଷୟିକ ଦଳ, ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍‌ସପେକ୍ଟର ପ୍ରମୁଖ ସାମିଲ ରହି ଛତିଶଗଡର ଧାନ ସଂଗ୍ରହ, ପ୍ୟାକ୍ସ ପରିଚାଳନା ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ।



ଅଶ୍ୱତଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଞ୍ଚ ନାରଦଃ
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋମୁନିଃ

ଅଶ୍ୱତ୍‌ଥ ବୃକ୍ଷ ମଧ୍ୟେ ମୁହିଁ ଦେବର୍ଷି ମଧ୍ୟେ ଜାଣ ତୁହି
ମୁହିଁଟି ନାରଦ ଅଟଇ ଗନ୍ଧର୍ବେ ଚିତ୍ରରଥ ମୁହିଁ
ସିଦ୍ଧ ମୁନିଙ୍କ ମଧ୍ୟେ ସାର କପିଳ ମୁନିଙ୍କ ଈଶ୍ୱର

## ସମ୍ପାଦକୀୟ..

# ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା

ହମାସ ୭ ଅକେଟାବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରି ୧୨୦୦ରୁ ଅଧିକ ଇସ୍ରାଏଲକୁ ଅତି ନିର୍ମମ ଭାବରେ ହତ୍ୟା କରିବା ସହିତ ୨୫୦ ଲୋକଙ୍କୁ ବନ୍ଧକ ମଧ କରିଥିଲା। ହମାସର ଏହି ନିଷ୍ଠୁର କାର୍ଯ୍ୟ ପରେ ଇସ୍ରାଏଲ ହମାସକୁ ଧ୍ୱଂସ କରିବାକୁ ଶପଥ ନେଇଛି। ଏହା ପରେ ପାଲେଷ୍ଟାଇନର ଗାଜାରେ ଏୟାର ଷ୍ଟ୍ରାଇକ ଏବଂ ସ୍ଥଳଭାଗରେ ଆକ୍ରମଣ କରି ଇସ୍ରାଏଲ ହମାସର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ଏହାପୂର୍ବରୁ, ଇସ୍ରାଏଲର ଟାର୍ଗେଟ କେବଳ ହମାସ ଥିଲା। ତା'ପରେ ହିଜବୁଲ୍ଲା ମଧ ଲେବାନନ ମାଟିରୁ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିଲା। ହିଜବୁଲ୍ଲା ଶହ ଶହ ରକେଟ ଏବଂ କ୍ଷେପଣାସ୍ତ୍ର ସହିତ ଇସ୍ରାଏଲକୁ ଟାର୍ଗେଟ କରିଥିଲା। ଇସ୍ରାଏଲ ହମାସକୁ ଛାଡି ହିଜବୁଲ୍ଲା ଶିବିର ଉପରେ ଆକ୍ରମଣ କରିଥିଲା। କିଛି ଦିନ ମଧ୍ୟରେ ଇସ୍ରାଏଲ ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କ ସମେତ ଅନେକ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ହମାସ ଏବଂ ହିଜବୁଲ୍ଲାର ସମସ୍ତ ପ୍ରମୁଖ କମାଣ୍ଡରଙ୍କୁ ହତ୍ୟା କରିଛି। ଏବେ ଇସ୍ରାଏଲ୍ର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ହୁତି ବିଦ୍ରୋହୀ। ୟେମେନର ହୋଦିଦା ବନ୍ଦରରେ ହୋଇଥିବା ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକରେ ଇସ୍ରାଏଲ ଶହ ଶହ ହୁତି ବିଦ୍ରୋହୀଙ୍କୁ ହତ୍ୟା କରିଛି। ହୁତି ବିଦ୍ରୋହୀମାନେ ପୂର୍ବରୁ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଇରାନ ହମାସ ଏବଂ ହିଜବୁଲ୍ଲା ସହିତ ହୁତି ବିଦ୍ରୋହୀଙ୍କୁ ମଧ ସମର୍ଥନ କରୁଛି। ଇସ୍ରାଏଲ ହୋଦିଦା ବନ୍ଦରକୁ ଟାର୍ଗେଟ କରିଥିଲା କାରଣ ହୁତି ବିଦ୍ରୋହୀମାନେ ଏହି ବନ୍ଦରକୁ ଇରାନରୁ ଅସ୍ତ୍ରଶସ୍ତ୍ର ଆଣିବା ପାଇଁ ବ୍ୟବହାର କରିଥାନ୍ତି ଏବଂ ଏହି ବନ୍ଦର ଗତ କିଛି ବର୍ଷ ଧରି ହୁତି ବିଦ୍ରୋହୀଙ୍କ ଅଧୀନରେ ରହିଛି। ଯଦିଓ ଇରାନ ଇସ୍ରାଏଲ ବିରୋଧରେ ସିଧାସଳଖ ଯୁଦ୍ଧକୁ ଏଡ଼େଇ ଦେଉଥିଲା, ତଥାପି ଇସ୍ରାଏଲର ଶତ୍ରୁମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତା ଯୋଗାଉଥିଲା। ଗତ ବର୍ଷ ହମାସ ଦ୍ୱାରା ହୋଇଥିବା ଆକ୍ରମଣ ପୂର୍ବରୁ ମଧ ଇସ୍ରାଏଲ ସାମୟିକ ଭାବେ ଯୁଦ୍ଧ କରୁଥିଲା, କିନ୍ତୁ ବର୍ତ୍ତମାନ ଇସ୍ରାଏଲ ଏହାର ପୁରୁଣା ଶତ୍ରୁମାନଙ୍କୁ ମୂଳରୁ ହଟାଇବା ପାଇଁ ରଣନୀତି ଅନୁସରଣ କରୁଛି । ହମାସ ଏବଂ ହିଜବୁଲ୍ଲାର ସମସ୍ତ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରି ଇସ୍ରାଏଲ ନିଜ ବିରୁଦ୍ଧରେ କେଣସି ଆକ୍ରମଣକୁ ବରଦାସ୍ତ କରିବ ନାହିଁ ବୋଲି କହିଛି। କିଛି ଦିନ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମିଳିତ ଜାତିସଂଘରେ କାହାର ନାମ ନ ନେଇ ଇରାନକୁ ଚେତାବନୀ ଦେଇଥିଲେ ଏବଂ କହିଥିଲେ ଯେ ଯେଉଁମାନେ ଇସ୍ରାଏଲକୁ ଟାର୍ଗେଟ କରୁଛନ୍ତି, ସେମାନଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ନେତାନ୍ୟାହୁ ଏହା ମଧ କହିଥିଲେ ଯେ ଇସ୍ରାଏଲର ସେନାଙ୍କ ପହଞ୍ଚିବାର କ୍ଷମତା ବାହାରେ କେଣସି ସ୍ଥାନ ନାହିଁ। ଇସ୍ରାଏଲର ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଇରାନ ମଧ ବ୍ୟାକଫୁଟରେ ଥିବା ଜଣାପଡିଛି। ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କ ମୃତ୍ୟୁ ପରେ ଇରାନ ମଧ ଇସ୍ରାଏଲର ଆକ୍ରମଣକୁ ଭୟ କରିବା ଆରମ୍ଭ କରିଛି। ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନେଇଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଇରାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ବୈଠକ ଡାକିଛି। ଇରାନ ସମ୍ଭାବ୍ୟ ବିପଦକୁ ଅନୁଭବ କରିଛି ଏବଂ ନିଜକୁ ରକ୍ଷା କରିବାର ଉପାୟ ଖୋଜୁଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏକ ହଜାର ଦିନରୁ ଅଧିକ ସମୟ ବିତିଗଲାଣି। ଏହି ସଂଗ୍ରାମରେ ଗୋଟିଏ ପଟେ ରୁଷିଆ ଚୀନ ସହିତ ଛିଡା ହୋଇଥିବାବେଳେ ୟୁକ୍ରେନକୁ ଆମେରିକା ଏବଂ ନାଟୋର ସମର୍ଥନ ମିଳୁଛି। ଏହି ଯୁଦ୍ଧ ଯୋଗୁ ତୃତୀୟ ବିଶ୍ୱଯୁଦ୍ଧର ବିପଦ ରହିଛି। ଯଦିଓ ଭାରତ ସମେତ କେତେକ ଦେଶ ଏହି ଯୁଦ୍ଧକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ତଥାପି ଯୁଦ୍ଧ ସମାପ୍ତ ହେବାର କେଣସି ସମ୍ଭାବନା ନାହିଁ। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ ହୁଏ ତେବେ ଏହା ନିଶ୍ଚିତ ଯେ ୟୁରୋପ ଯୁଦ୍ଧକ୍ଷେତ୍ରରେ ପରିଣତ ହେବ। ୟୁରୋପ ଆଡକୁ ଯୁଦ୍ଧର ପ୍ରଭାବ ମଧ ମୁହାଁଉଥିବା କୁହାଯାଉଛି। ଦୀର୍ଘ ଦିନ ଧରି ଚୀନ ବିରୋଧରେ ସମ୍ଭାବ୍ୟ ଯୁଦ୍ଧ ପାଇଁ ତାଇୱାନ ପ୍ରସ୍ତୁତି ଚଳାଇଛି। ଆମେରିକା ତାଇୱାନ ସହିତ ଦୃ ଭାବରେ ଛିଡା ହୋଇଛି ଏବଂ ଏହାକୁ ସାହାଯ୍ୟ କରିବାକୁ ୫୬୭ ନିୟୁତ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତି ଅନୁମୋଦନ କରିଛି। କେବଳ ଏତିକି ନୁହେଁ, ତାଇୱାନ ମଧ ଆମେରିକାଠାରୁ ଲ୍ୟାଣ୍ଡ ଲଞ୍ଚ ହେଉଥିବା ହରପନ ଆଣ୍ଟି-ଜାହାଜ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ ଗ୍ରହଣ କରିଛି। ଚୀନ୍‌ର ଏୟାର ଷ୍ଟ୍ରାଇକ୍ରୁ ନିଜକୁ ରକ୍ଷା କରିବାରେ ଏହି କ୍ଷେପଣାସ୍ତ୍ର ତାଇୱାନ ପାଇଁ ଉପଯୋଗୀ ହେବ। ଅନ୍ୟପକ୍ଷରେ, ଜାପାନର ଯୁଦ୍ଧ ଜାହାଜ କିଛି ଦିନ ପୂର୍ବରୁ ତାଇୱାନ ଷ୍ଟ୍ରାଇଟ ଦେଇ ଯାଇଥିଲା। ତାଇୱାନ ଏବଂ ଚୀନ ମଧ୍ୟରେ ଏହି ବିବାଦ ରହିଛି। ଚୀନ ତାଇୱାନକୁ ନିଜ ଅଞ୍ଚଳ ବୋଲି ଦାବି କରିଆସୁଛି। ଏବେ ବିଶ୍ୱର ଅନେକ ଦେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଯୁଦ୍ଧର ଦୁଇଟି ଦିଗରେ ଜଡିତ ଅଛନ୍ତି ଏବଂ ଯଦି ତୃତୀୟ ଫ୍ରଣ୍ଟ ମଧ ଖୋଲିବ, ତେବେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ମଧ ବୃଦ୍ଧି ପାଇବ ବୋଲି କୁହାଯାଉଛି।

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି

### ଅକ୍ଷୟ କୁମାର ରାଉତ

ପୁଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଈଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ ଚାକିରି ମିଳିବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍‌କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।



ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୂଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଋରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍‌ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିନକ୍‌ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍‌ସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଳୃଷକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ,ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ।

ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ,ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖିଆ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲେରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି "ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ"। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ଋଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର।

କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଋରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଠରେ ଅମର ହୋଇରହିଗଲେ।

ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପଗଡ଼, କୁଜଙ୍ଗ ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଗାନ୍ଧିଜୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ହୃଦୟ ପରିବର୍ତ୍ତନ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(କ.ବ୍ୟୁ):** ଗାନ୍ଧୀଜୀଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା। ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସଂପଦ । ସମଗ୍ର ବିଶ୍ୱର ଆଦର୍ଶ । ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା। ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଆଜି କଟକ ଜିଲ୍ଲା ତେଲେଙ୍ଗାପେଣ୍ଠରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ତେଲେଙ୍ଗାପେଣ୍ଠକୁ ଆସି ଏଠାରେ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମ ପାଇଁ ଅନୁପ୍ରାଣିତ କରିଥିଲେ। ଗାନ୍ଧିଜୀଙ୍କ ପାଦ ପଡିଥିବା ଏହି ତେଲେଙ୍ଗାପେଣ୍ଠର ମାଟି ଅତି ପବିତ୍ର। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, "ଆସନ୍ତୁ, ଆଜି ଏହି ତେଲେଙ୍ଗାପେଣ୍ଠର ପବିତ୍ର ମାଟିରେ ବାପୁଙ୍କୁ ପୁଣି ଥରେ ସମ୍ମାନ ଜଣାଇ ତାଙ୍କ ଆଦର୍ଶରେ ଚ଼ାଲିବା ଏବଂ ଦେଶ ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପୂରଣ କରିବା ଦିଗରେ କାମ କରିଚ଼ାଲିବା ।" ଓଡିଶାକୁ ଅତ୍ୟଧିକ ଭଲ ପାଉଥିବା କାରଣରୁ ଗାନ୍ଧୀଜୀ ଏକାଧିକ ଥର ଓଡିଶାକୁ ଆସିଥିଲେ। ଓଡିଶାକୁ ସେ କେବଳ ଭଲ ପାଉନଥିଲେ, ଓଡିଶା ତାଙ୍କର ହୃଦୟ ଓ ମନକୁ ଆଲୋଡିତ କରିଥିଲା। ଗାନ୍ଧିଜୀଙ୍କର ଗୋଟିଏ ସ୍ମରଣୀୟ ବାକ୍ୟ ଥିଲା-'ଓଡିଶା ହେଉଛି ମୋର ପ୍ରେମର ଭୂମି ।' ଗାନ୍ଧିଜୀ ଥିଲେ ଅଲୌକିକ ସାହସର ପରମ୍ପରା। ସତ୍ୟ ଥିଲା ତାଙ୍କର ସନ୍ଦେଶ। ଗାନ୍ଧିଙ୍କ ଜୀବନ, ତ୍ୟାଗ ଓ ତପସ୍ୟା ତାଙ୍କୁ ମହାନ୍ ଓ ବରେଣ୍ୟ କରି ଗଢି ତୋଳିଥିଲା । ଗାନ୍ଧିଜୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ହୃଦୟ ପରିବର୍ତ୍ତନ। ତାଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ସତ୍ୟ, ଅହିଂସା ଓ ଅସହଯୋଗବଳରେ ଜୀବନର ସବୁ ପ୍ରତିକୂଳ ପରିସ୍ଥିତିର ଆହ୍ୱାନକୁ ସାମ୍ନା କରି ଗାନ୍ଧିଜୀ ପ୍ରମାଣ କରିଛନ୍ତି ଯେ ଏସବୁ ବଳରେ ସଫଳତା ସମ୍ଭବ। ତାଙ୍କ ଜୀବନ କାହାଣୀ ହେଉଛି 'ସତ୍ୟ ସହିତ ନିରନ୍ତର ପରୀକ୍ଷା'। ସାରା ଦେଶରେ ମୋଦୀଜୀଙ୍କ ନେତୃତ୍ୱରେ ଏବଂ ଓଡିଶାରେ ଆମ ସରକାର ଗାନ୍ଧିଜୀଙ୍କ ପ୍ରକୃତ ଆଦର୍ଶ ଓ ଲକ୍ଷ୍ୟକୁ ପୂରଣ କରିବା ପାଇଁ କାମ କରୁଛି। ସ୍ୱଚ୍ଛତା ଥିଲା ଗାନ୍ଧୀଜୀଙ୍କ ଆଦର୍ଶ। ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି । ୨୦୧୪ରେ ଯେତେବେଳେ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ପ୍ରଥମ ବଡ ଅଭିଯାନ ଥିଲା ସ୍ୱଚ୍ଛ ଭାରତ। ସ୍ୱଚ୍ଛ ଭାରତ ଅଭିଯାନକୁ ଆଜି ୧୦ ବର୍ଷ ହୋଇଗଲାଣି। ଦେଶ ଆଜି ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଦିଶୁଛି । ହଜାର ହଜାର ଗାଁରେ ଲକ୍ଷ ଲକ୍ଷ ଲୋକଙ୍କ ଘରେ ଆଜି ଟଏଲେଟ୍ ଅଛି। ସ୍ୱଚ୍ଛତା ଅଭିଯାନ ଆଜି ଦେଶରେ ଏକ ସଫଳ ଆନ୍ଦୋଳନରେ ପରିଣତ ହୋଇଛି। ଗାନ୍ଧୀଜୀଙ୍କ ପ୍ରକୃତ ଲକ୍ଷ୍ୟ ମୋଦୀଜୀ ହିଁ ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଲେ ଯେ ଓଡିଶାରେ ଆମ ସରକାର ମାତ୍ର ୪ ମାସ ମଧ୍ୟରେ ରାଜ୍ୟର ଏକ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛି। ଗାଁ ଗାଁରେ ଏପରି ଅନେକ ମହିଳା ଅଛନ୍ତି, ଯେଉଁମାନଙ୍କ ହାତରେ ଟଙ୍କାଟିଏ ବି ନଥାଏ। ମୋର ଦୃଢ ବିଶ୍ୱାସ,ଏହି ଆର୍ଥିକ ସହାୟତା ସେମାନଙ୍କୁ ପରିବାରରେ ଓ ସମାଜରେ ସଶକ୍ତ କରି ଗଢି ତୋଳିବ। ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଗାନ୍ଧୀଜୀଙ୍କର ଯେଉଁ ସ୍ୱପ୍ନ ଥିଲା, ତାକୁ ପୂରଣ କରିବା ଦିଗରେ ଆମ ସରକାର ମଧ ଓଡିଶାରେ ପଦକ୍ଷେପ ନେବା ଆରମ୍ଭ କରିଛି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମନେପକାଇ କହିଥିଲେ ଯେ ଆଜି ମଧ ଶାସ୍ତ୍ରୀ ଜୟନ୍ତୀ । ଶାସ୍ତ୍ରୀଜୀ ଯେଉଁ 'ଜୟ ଜବାନ ଜୟ କିସାନ' ନାରା ଦେଇଥିଲେ, ତାକୁ ମୋଦୀଜୀ ଗୁରୁତ୍ୱଦେଇ ଅଗ୍ନୀବୀର ଯୋଜନା ଆରମ୍ଭ କରିଛନ୍ତି। କୃଷକଙ୍କ କଲ୍ୟାଣ ପାଇଁ ପିଏମ କିସାନ ଯୋଜନା ଆରମ୍ଭ କରିଛନ୍ତି। ଓଡିଶାରେ ନୂଆ ସରକାର କୃଷକ ମାନଙ୍କ ପରିଶ୍ରମର ଉଚ଼ିତ୍ ମୂଲ୍ୟଦେବା ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି କରିଛନ୍ତି। ଆଗାମୀ ଖରିଫ ଋତୁରେ ଅମଳ ସମୟରେ ଚ଼ାଷୀଭାଇ ମାନେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚ଼ନ୍ଦ୍ର ସେଠୀ, ବଡମ୍ବା- ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା,କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମସି କମିଶନର ଅନାମ ଚ଼ରଣ ପାତ୍ର ଏବଂ କଟକ ମୁନିସପାଲ କର୍ପୋରେସନର କର୍ପୋରେଟର ମାନେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚ଼ନା ଓ ଲୋକ ସଂମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧି ସ୍ମୃତି ସମ୍ବଳିତ ଏକ ଫଟୋଚ଼ିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚ଼ନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ଭୂମିହୀନମାନଙ୍କୁ ଯୋଗାଇ ଦିଆଯିବ ଜାଗା



**ଭୁବନେଶ୍ୱର,(କ.ବ୍ୟୁ):** ଭୂମିହୀନମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହନିର୍ମାଣ ପାଇଁ ଜାଗା ଯୋଗାଇ ଦେବା ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଓ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକଙ୍କ ମଧ୍ୟରେ ଏକ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ତଥ୍ୟ ଅନୁଯାୟୀ ଭୂମିହୀନ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଗା ଯୋଗାଇଦେବା ପାଇଁ ବିଡିଓମାନେ ହିତାଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରି ତହସିଲଦାରଙ୍କୁ ପ୍ରଦାନ କରିବେ । ତହସିଲଦାରମାନେ ରେଭିନ୍ୟୁ ଇନ୍ସପେକଟରଙ୍କ ମାଧ୍ୟମରେ ଜାଗା ଚ଼ିହ୍ନଟ କରି ଜାଗା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ଶନିବାର ଦିନ ସମ୍ପୃକ୍ତ ବିଡିଓ ଓ ତହସିଲଦାରଙ୍କ ମାଧ୍ୟମରେ ସମନ୍ୱୟ କମିଟିର ବୈଠକ ଆଗତ ହେବ ଓ ବୈଠକର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବ । ଜିଲ୍ଲାପାଳମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେବ । ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ହିତାଧିକାରୀ ଜାଗା ଅଭାବରୁ ଘର ନିର୍ମାଣରୁ ବଞ୍ଚିତ ହେବେ ନାହିଁ । ଜିଲ୍ଲାପାଳମାନେ ଏହି ଯୋଜନାର ଅଗ୍ରଗତି ସଂପର୍କରେ ପ୍ରତି ମାସରେ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ ।

## ପିକେ ମହାପାତ୍ର ଇଫ୍‌କୋ ପାରାଦୀପ ୟୁନିଟ୍‌ର ନୂତନ ମୁଖ୍ୟ ଭାବେ ନିଯୁକ୍ତ

**ପାରାଦୀପ,(କ.ବ୍ୟୁ):** ବିଶ୍ୱର ବୃହତ୍ତମ ସାର ଉତ୍ପାଦନକାରୀ ସମବାୟ ସମିତି ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ୍ (ଇଫକୋ) ଗୁରୁବାର ଦିନ ତାର ପାରାଦୀପ ୟୁନିଟର ନୂତନ ମୁଖ୍ୟ ଭାବେ ପି.କେ. ମହାପାତ୍ରଙ୍କୁ ନିଯୁକ୍ତି କରିଥିବା ଏକ ପ୍ରେସ ବିଜ୍ଞାପ୍ତିରେ ଘୋଷଣା କରିଛି । ଅନ୍ୟତମ ଭାରତୀୟ କୃଷକ ଫର୍ଟିଲାଇଜର୍ କୋଅପରେଟିଭ୍ ଲିମିଟେଡ୍ (ଇଫ୍‌କୋ)ଏହାର ପାରାଦୀପ ୟୁନିଟରେ ଏକ ପ୍ରମୁଖ ନେତୃତ୍ୱ ପରିବର୍ତ୍ତନ ଘୋଷଣା କରିଛି। ଶ୍ରୀ ମହାପାତ୍ର ଇଫକୋ ପାରାଦୀପ ୟୁନିଟର ଜେନେରାଲ ମ୍ୟାନେଜର ଭାବେ ଅବସ୍ଥାପିତ ଥିଲେ। ଏଥି ପୂର୍ବରୁ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ତଥା ନିର୍ଦ୍ଦେଶକ ଭାବେ ଶ୍ରୀ କେ.ଜେ.ପଟେଲ ସଫଳତାର ସହ କାର୍ଯ୍ୟ କରି ଇଫକୋକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଥିଲେ । ଏବେ ସେ ଦିଲ୍ଲୀର ଇଫକୋ ମୁଖ୍ୟ କାର୍ଯ୍ୟାଳୟକୁ ସମ୍ମାନଜନକ ବୈଷୟିକ ନିର୍ଦ୍ଦେଶକ ତଥା ବୋର୍ଡ ସଦସ୍ୟ ଭାବରେ ଅବସ୍ଥାପିତ ହୋଇଛନ୍ତି। ଦୀର୍ଘ ୩୮ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରି ଅଭିଜ୍ଞତା ସହିତ ଶ୍ରୀ ପଟେଲ ପାରାଦୀପ ୟୁନିଟକୁ ଦେଶର ଅନ୍ୟତମ ଉନ୍ନତ ସାର ଉତ୍ପାଦନ ୟୁନିଟରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ବିକଶିତ ଓଡିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭

# ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତି ସଂପର୍କିତ ପରାମର୍ଶ କର୍ମଶାଳା



**ଭୁବନେଶ୍ୱର,(କ.ବ୍ୟୁ):**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ 'ବିକଶିତ ଓଡିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭' ପରିପ୍ରେକ୍ଷୀରେ ପ୍ରସ୍ତୁତ ହେଉଥିବା ଭିଜନ୍ ଡକ୍ୟୁମେଣ୍ଟର ଅଗ୍ରଗତି ସଂପର୍କିତ ଏକ ପରାମର୍ଶ କର୍ମଶାଳା ବିଭାଗୀୟ କମିଶନର ତଥା ଶାସନ ସଚ଼ିବ ଶ୍ରୀମତୀ ଅଶ୍ୱତି ଏସ୍‌ଙ୍କ ଅଧକ୍ଷତାରେ ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି।

କର୍ମଶାଳାରେ ରାଜ୍ୟରେ ସ୍ୱାସ୍ଥ୍ୟସେବାର ସାଂପ୍ରତିକ ସ୍ଥିତି, ରାଜ୍ୟ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ କଲ୍ୟାଣ ପାଇଁ ପ୍ରଚ଼ଳିତ ହୋଇଥିବା ସଫଳ ଯୋଜନା ଓ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଯାଉଥିବା ବାଧାବିଘ୍ନ ସଂପର୍କରେ ବିଶଦ ସମୀକ୍ଷା କରାଯାଇଥିଲା । ସହରୀକରଣ ଓ ଜଳବାୟୁ ପରିବର୍ତ୍ତନକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭବିତବ୍ୟ ଧାରା ଯଥା-ଜନସଂଖ୍ୟା ଓ ରୋଗ ବୃଦ୍ଧି, ତା'ସହ ସଂକ୍ରାମକ ରୋଗର ବୃଦ୍ଧିର କାରଣ ଓ ନିରାକରଣ ସଂପର୍କରେ ଆଲୋଚ଼ନା ହୋଇଥିଲା। ବିଶେଷଜ୍ଞମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ବଳ ଆବଣ୍ଟନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସେବା ବିତରଣ, ଗବେଷଣା ଓ ନବସୃଜନ ଏବଂ ପରିବେଶ ସଂପର୍କିତ ବିଭିନ୍ନ ଆହ୍ୱାନ ସଂପର୍କରେ ସୁଚ଼ିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏହି କର୍ମଶାଳାରେ ମଧ ଭିଜନ୍? ଡକ୍ୟୁମେଣ୍ଟର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ପ୍ରମୁଖ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚ଼ନା ହୋଇଥିଲା । ଓଡିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ବ୍ୟାପକ ଏବଂ ସୁବ୍ୟବସ୍ଥିତ କରିବାର ଆବଶ୍ୟକତା ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ । ଭବିଷ୍ୟତର ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଏବଂ ସୁଯୋଗର ସଦୁପଯୋଗ ପାଇଁ ଏହି ବୈଠକର ପ୍ରମୁଖ ନିଷ୍କର୍ଷଗୁଡିକୁ ୨୦୩୬ ଏବଂ ୨୦୪୭ ଭିଜନ୍ ଡକ୍ୟୁମେଣ୍ଟରେ ସାମିଲ କରାଯିବ । ଏହି କର୍ମଶାଳାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାର ପରିଚ଼ାଳନା ନିର୍ଦ୍ଦେଶିକା ଡ. ବୃନ୍ଦା ଡି., ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ନିଗମର ପରିଚ଼ାଳନା ନିର୍ଦ୍ଦେଶିକା ଡ. ପୁମା ଟୁଡୁ, ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଯଥା-ଆଇଆଇପିଏଚ୍, ଭୁବନେଶ୍ୱର, ୟୁନିସେଫ୍, ସମ୍ କଲେଜ୍ ଓ ହସ୍‌ପିଟାଲ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଆଞ୍ଚଳିକ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର, ମାକ୍‌ଇନ୍‌ସେର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

## 'ଯୁବପିଢି ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ': ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ

**ଭୁବନେଶ୍ୱର,(କ.ବ୍ୟୁ):** ଗାନ୍ଧୀଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ । ଗାନ୍ଧୀଜୀ କେବଳ ଦେଶକୁ ସ୍ୱାଧୀନ କରି ନଥିଲେ, ଦେଶ ତଥା ସମଗ୍ର ମାନବଜାତିକୁ ସତ୍‌ପଥରେ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ଦର୍ଶନ ଓ ପଦର୍ଶିତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି । ତେଣୁ ଯୁବପିଢି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ପ୍ରକାଶ କରିଛନ୍ତି ।




ଆଜି ସୂଚ଼ନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ କହିଲେ ଯେ ସମସ୍ତଙ୍କୁ ଏକାଠି କରି ଅହିଂସା ନାମକ ଅସ୍ତ୍ରରେ ଗାନ୍ଧୀଜୀ ବିଦେଶୀ ଶାସକ ବିରୁଦ୍ଧରେ ବିଜୟ ହାସଲ କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ। ସର୍ବୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ ଏବଂ ସ୍ୱଚ୍ଛତା ନେଇ ଗାନ୍ଧୀଜୀଙ୍କ ବାଣୀକୁ ପାଳନ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କଲେ ଆମେ ଦେଶକୁ ଶୀର୍ଷସ୍ତରକୁ ନେଇପାରିବା ବୋଲି ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ଶ୍ରୀ ବାବୁ ସିଂହ କହିଲେ ଯେ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ । ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଆଗାମୀ ପିଢି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ । ବିଶିଷ୍ଟ ଗାନ୍ଧୀବାଦୀ ଚ଼ିନ୍ତକ ଏବଂ ଲେଖକ ଶ୍ରୀ ଗୌରାଙ୍ଗ ଚ଼ରଣ ପରିଡା କହିଲେ ଯେ ସତ୍ୟ ଓ ନିର୍ଭୀକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାଶ୍ୱର୍। ଅସ୍ପୃଶ୍ୟତା ନିବାରଣ, ନାରୀ ସୁରକ୍ଷା ଲକ୍ଷ୍ୟ ନେଇ ଗାନ୍ଧୀଜୀ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଭାରତକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚ଼ୟ ଆଣି ଦେଇଥିଲା । ଗାନ୍ଧୀଜୀଙ୍କ ଆଦର୍ଶ ଆଜି କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସୂଚ଼ନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚ଼ିବ ଶ୍ରୀ ସଂଜୟ କୁମାର ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଧାରିତ ଥିଲା । ମାନବଜାତିର ଉତ୍‌ଥାନ ଥିଲା ତାଙ୍କ ବିଚ଼ାରଧାରାର ମୂଳମନ୍ତ୍ର । ପ୍ରାରମ୍ଭରେ ଅତିଥିମାନେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ଗୌରାଙ୍ଗ ଚ଼ରଣ ପରିଡାଙ୍କ ଗାନ୍ଧୀଜୀଙ୍କ ଉପରେ ରଚ଼ିତ ୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ସୂଚ଼ନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଶୈଳଭାମା ଓ ସାଥୀ କଳାକାରମାନଙ୍କ ଦ୍ୱାରା ଗାନ୍ଧୀଭଜନ ପରିବେଷିତ ହୋଇଥିଲା। ଏହି ଅବସରରେ ଜୟଦେବ ଭବନଠାରେ ସୂଚ଼ନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ 'ଓଡିଶାରେ ଗାନ୍ଧୀଜୀ' ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଗାନ୍ଧୀଜୀଙ୍କ ଓଡିଶା ଗସ୍ତର ବିଭିନ୍ନ ବିରଳ ଫଟୋଚ଼ିତ୍ର ସ୍ଥାନ ପାଇଥିଲା । ସୂଚ଼ନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଗୁର୍‌ବୀର ସିଂହ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ ପ୍ରକାଶ କଲା ବୃତ୍ତିଗତ ଡାକ୍ତରୀ ପରୀକ୍ଷା ଫଳ

# ଶୁଭଲକ୍ଷ୍ମୀ ଅଧିକାର କଲେ ଶ୍ରେଷ୍ଠ ସ୍ଥାନ

**ଭୁବନେଶ୍ୱର,(କ.ବ୍ୟୁ):**ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପାଇଁ ଆଜି ଏକ ଐତିହାସିକ ଦିନ । ବିଶ୍ୱବିଦ୍ୟାଳୟ ସ୍ଥାପନ ପରେ ଆଜି ପ୍ରଥମ ଥର ପାଇଁ ୨୦୨୩-୨୪ ବର୍ଷର ଡାକ୍ତରୀ ପ୍ରଥମ ବାର୍ଷିକ ବୃତ୍ତିଗତ ପରୀକ୍ଷା ଫଳ ପ୍ରକାଶ ପାଇଛି । ପରୀକ୍ଷା ଶେଷ ହେବାର ମାତ୍ର ୧୦ ଦିନ ମଧ୍ୟରେ ଏହି ଫଳାଫଳ ପ୍ରକାଶ ପାଇବାରୁ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ପରୀକ୍ଷା ନିୟନ୍ତ୍ରଣ କରୁଥିବା ଅଧିକାରୀମାନେ ସାଧୁବାଦର ପାତ୍ର ବୋଲି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ବୋର୍ଡ ପ୍ରକୋଷ୍ଠରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚ଼ନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ଓଡିଶାକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଏହା ଜରିଆରେ ରୋଗୀମାନଙ୍କର ତଥ୍ୟର ଡିଜିଟାଲ୍ ମ୍ୟାପିଙ୍ଗ୍ କରାଯିବ ଏବଂ ରୋଗୀମାନଙ୍କୁ ଏକକ ପରିଚ଼ୟ ପତ୍ର ପ୍ରଦାନ କରାଯିବ । ଏଥିରେ ରୋଗୀମାନଙ୍କର ରୋଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମହଜୁଦ୍ ରହିବ । ଡାକ୍ତରମାନେ ସେହି ତଥ୍ୟ ଆଧାରରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚ଼ନା ଦେଇଛନ୍ତି।

ରାଜ୍ୟରେ ଖୁବ୍ ?ଶୀଘ୍ର ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ ହେବ, ଯାହାର ସୁଫଳ ରାଜ୍ୟର ପାଖାପାଖି ଏକ କୋଟି ପରିବାର ପାଇପାରିବେ। ପୁରୁଣା ସ୍ୱାସ୍ଥ୍ୟ କାର୍ଡରେ କେବଳ ପାଖାପାଖି ୯୦୦ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ମିଳୁଥିଲା । କିନ୍ତୁ ଉଭୟ ଯୋଜନା କାର୍ଯ୍ୟକ୍ଷମ ହେଲେ ଓଡିଶାର ଯୋଗ୍ୟ ହିତାଧିକାରୀ ଦେଶର ୨୭ ହଜାର ଡାକ୍ତରଖାନାରେ ନିଃଶୁଳ୍କ ଚ଼ିକିତ୍ସାସେବା ପାଇପାରିବେ ବୋଲି ସେ ଉଲ୍ଲେଖ କରିଥିଲେ ।

ପରୀକ୍ଷା ଫଳାଫଳ ପ୍ରକାଶ ଅବସରରେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ତଥା ଅନ୍ତର୍ଜାତୀୟ ସ୍ତରରେ ଚ଼ିକିତ୍ସା ବିଜ୍ଞାନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଅନୁଷ୍ଠାନ ଯଥା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ଭାରତୀୟ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ ଓ ଆଞ୍ଚଳିକ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏହା ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ଏହା ସହ ବିଶ୍ୱବିଦ୍ୟାଳୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ସ୍ୱାସ୍ଥ୍ୟ ଗବେଷକମାନଙ୍କ ସହ ଅନୁବନ୍ଧିତ ହୋଇଛି । ସେମାନଙ୍କ ଅଭିଜ୍ଞତା ଓଡିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଶାତୀତ ପରିବର୍ତ୍ତନ ଆଣିବ ବୋଲି ଡା. ସାହୁ ଆଶାବ୍ୟକ୍ତ କରିଛନ୍ତି ।

ସୂଚ଼ନାଯୋଗ୍ୟ ଯେ ପ୍ରଥମ ବୃତ୍ତିଗତ ଡାକ୍ତରୀ ପରୀକ୍ଷା ୨୦୨୩-୨୪ରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ, କଳାହାଣ୍ଡିର ଛାତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ପାଢୀ ୯୦୦ରୁ ୭୨୬ ମାର୍କ ରଖି ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି । ସେହିପରି ଆନାଟୋମିରେ ସୁଶ୍ରୀ ପ୍ରତୀକ୍ଷା ପଲ, ଫିଜିଓଲୋଜିରେ ସୁଶ୍ରୀ ଶୁଭଲକ୍ଷ୍ମୀ ପାଢୀ ଏବଂ ବାୟୋକେମେଷ୍ଟ୍ରିରେ ହିରଣ୍ମୟୀ ପଦ୍ମଜା ତ୍ରିପାଠୀ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି।



# ପରିବାରରେ ୭୦୦ ସଦସ୍ୟ

ପୁରାତନ କାଳରେ ପ୍ରାୟ ସମସ୍ତଙ୍କର ପରିବାର ବଡ଼ ଥିଲା ଏବଂ ପରିବାରରେ ସମସ୍ତେ ମିଳିମିଶି ରହୁଥିଲେ। ସେତେବେଳେ ଘରର ବିଭିନ୍ନ କାର୍ଯ୍ୟକୁ ପରିବାର ସମସ୍ତ ସଦସ୍ୟ ମିଳିମିଶି କରୁଥିଲେ। ତେବେ ପରେ ଆର୍ଥିକ ବୋଝ କମାଇବା ଉଦ୍ଦେଶ୍ୟରେ ଧୀରେ ଧୀରେ ପରିବାରଗୁଡିକ ଛୋଟ ହେବା ଆରମ୍ଭ ହେଲା। ଲୋକମାନେ କମ୍ ସନ୍ତାନ ଜନ୍ମ କରିବା ଆରମ୍ଭ କଲେ, ଯାହାଦ୍ୱାରା ସେମାନଙ୍କ ଖର୍ଚ୍ଚ ହ୍ରାସ ପାଇଥିଲା। ସମ୍ପ୍ରତି ଅଧିକାଂଶ ଲୋକ କେବଳ ଗୋଟିଏ କିମ୍ବା ଅତିବେଶିରେ ୨ଟି ସନ୍ତାନ ହିଁ ଜନ୍ମ କରିବାକୁ ପସନ୍ଦ କରୁଛନ୍ତି। ଏପରି କରିବା ଦ୍ୱାରା ଅଭିଭାବକ ସେମାନଙ୍କ ପିଲାଙ୍କର ଉତ୍କୃଷ୍ଟ ଲାଳନପାଳନ ସହ ସୁଲଭ ମୂଲ୍ୟରେ ପର୍ଯ୍ୟାପ୍ତ ଶିକ୍ଷା ଯୋଗାଇବାକୁ ସକ୍ଷମ ହୋଇଥାନ୍ତି। ତେବେ ଆଫ୍ରିକୀୟ ଦେଶ ଉଗାଣ୍ଡାରେ ଏପରି ଏକ ପରିବାର ଅଛି, ଯେଉଁଥିରେ ପ୍ରାୟ ୭୦୦ ଲୋକ ବସବାସ କରନ୍ତି । ଭାରତୀୟ ଟ୍ରାଭେଲ ବ୍ଲଗର୍ ହର୍ଷ ରାୟ ସମ୍ପ୍ରତି ଉଗାଣ୍ଡାରେ ପହଞ୍ଚିଥିଲେ। ସେଠାରେ ସେ ମୁସା ହାସିୟା କାସେରା(୬୭)ଙ୍କୁ ଭେଟିଥିଲେ। ମୁସାଙ୍କ ପରିବାରରେ ୭୦୦ରୁ ଅଧିକ ସଦସ୍ୟ ରହିଛନ୍ତି। ତାଙ୍କର ୧୨ ଜଣ ସ୍ତ୍ରୀ, ୧୦୨ ପିଲା ଓ ୫୭୮ ଜଣ ନାତିନାତୁଣୀ ରହିଛନ୍ତି। ହର୍ଷଙ୍କ ଅନୁଯାୟୀ, ମୁସାଙ୍କ ପରିବାର ହେଉଛି ବିଶ୍ୱର ସବୁଠାରୁ ବଡ଼ ପରିବାର। ତେବେ ଏହି ବ୍ଲଗରେ ହର୍ଷ ମୁସାଙ୍କ ବାସସ୍ଥାନ ନିକଟକୁ ଯାଇ ତାଙ୍କ ସହ ଆଲୋଚ଼ନା କରିଛନ୍ତି। ଉକ୍ତ ସ୍ଥାନରେ କେବଳ ମୁସାଙ୍କର ୩୦ରୁ ଅଧିକ ଘର ଥିବା ହର୍ଷ କହିଛନ୍ତି। ଏହି ସବୁ ଘରେ ମୁସାଙ୍କ ପୁଅ, ବୋହୂ, ନାତି ନାତୁଣୀମାନେ ରହୁଛନ୍ତି।

# ହସିପାରନ୍ତି ଡଲ୍‌ଫିନ୍





ଡଲ୍‌ଫିନ୍‌ଗୁଡ଼ିକ ଖେଳିବା ସମୟରେ ପାଟି ଖୋଲା ରଖି ପରସ୍ପରକୁ ସେମାନଙ୍କ ଭାବନା ବ୍ୟକ୍ତ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଏହି ଅଭିବ୍ୟକ୍ତି 'ହସ' ହୋଇପାରେ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ଗୋଟିଏ ଡଲ୍‌ଫିନ ଏହାର ଖେଳସାଥୀ ସହ ଥିବାବେଳେ ପ୍ରାୟ ସବୁବେଳେ ହସିଥାଏ। ଡଲ୍‌ଫିନଗୁଡ଼ିକର ପରସ୍ପର ସହ ତଥା ସେମାନଙ୍କୁ ତାଲିମ ଦେଉଥିବା ଲୋକଙ୍କ ସହ ସାମାଜିକ କ୍ରୀଡ଼ାରେ ଲିପ୍ତ ଥିବାବେଳର ଭିଡିଓ ଫୁଟେଜ୍‌କୁ ଇଟାଲୀର ପିସା ୟୁନିଭର୍ସିଟିର ଗବେଷକମାନେ ୮୦ ଘଣ୍ଟା ଧରି ଅଧ୍ୟୟନ କରିଥିଲେ। ଏହି ସମୟ ମଧ୍ୟରେ ସେମାନେ ଡଲ୍‌ଫିନଗୁଡ଼ିକର ମୋଟ ୧,୨୮୮ ଥର ପାଟି ଖୋଲି ହସିବା ଦୃଶ୍ୟକୁ ରେକର୍ଡ କରିଥିଲେ। ନିଜ ପ୍ଲେମେଟ୍‌କୁ ଦେଖିବାମାତ୍ରେ ଡଲ୍‌ଫିନ ହସୁଥିବାର ଅଧିକ ଦେଖିବାକୁ ମିଳିଥିଲା। ପ୍ରାୟ ୮୯ ପ୍ରତିଶତ ହସ ଏହିଭଳି ଥିଲା ବୋଲି ଗବେଷକମାନେ କହିଛନ୍ତି। ପ୍ଲେମେଟ୍ ମଧ୍ୟ ନିଜର ପ୍ରତିକ୍ରିୟାରେ ହସୁଥିବା ଦେଖାଯାଇଥିଲା।



ବ୍ୟକ୍ତିଗତ ଜୀବନ ଭଳି ବୃତ୍ତିଗତ ଜୀବନରେ ବି ଅନେକ ଉଠା-ପକାର ସମୟ ଆସିଥାଏ। କର୍ମସ୍ଥଳରେ ଏପରି କିଛି ଘଟଣା ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରେ ତ ଆଉ କିଛି ପ୍ରତିକୂଳ। ତେଣୁ ଏଭଳି ପ୍ରତିକୂଳ ପରିସ୍ଥିତିରେ ବିଚଳିତ ନହୋଇ ଏହାକୁ ସାମ୍ନା କରିବା ସହ ନିଜକୁ ବଦଳାଇବାକୁ ଚେଷ୍ଟା କରିବା ବୁଦ୍ଧିମାନ୍‌ର କାମ। ଅଫିସ୍‌ରେ ଘଟୁଥିବା ପ୍ରତିକୂଳ ପରିସ୍ଥିତି ହିଁ ନିଜର ଧୈର୍ଯ୍ୟ ଓ କର୍ମଦକ୍ଷତା ବଢ଼ାଇଥାଏ। ତେଣୁ ନିଜ କ୍ୟାରିୟରକୁ ସଫଳତାରେ ଶୀର୍ଷରେ ପହଁଞ୍ଚାଇବା ପାଇଁ ଆପଣ କିଛିଟା ଟିପ୍ସ୍‌କୁ ମନେରଖିବା ଉଚିତ୍।

# କ୍ୟାରିୟର ଟିପ୍ସ୍



- କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟର ପାଞ୍ଚ ମିନିଟ୍ ପୂର୍ବରୁ ପହଁଞ୍ଚିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ବିଚଳିତ ନହୋଇ ଆରାମରେ କାମ ଆରମ୍ଭ କରିପାରିବେ।
- ଆପଣଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ଯଥାସମୟରେ ଶେଷ କରନ୍ତୁ। ଯେପରି କିଛି ଅଧା ରହିନଯାଏ।
- କାର୍ଯ୍ୟ ପ୍ରତି ସମର୍ପଣ ଭାବ ଏବଂ ଅନୁଶାସନ ଆପଣ ବ୍ୟକ୍ତିତ୍ୱର ପରିଚୟ ଅଟେ। ଯାହାକି ସଫଳତା ପାଇବାର ଏକ ସରଳ ଉପାୟ।
- ଅଳସୁଆ ନହୋଇ କାମକୁ ଆଗ୍ରହର ସହିତ ଶେଷ କଲେ ତାହା ବୋଝ ଭଳି ଲାଗେନାହିଁ। ଏହାଦ୍ୱାରା ନିଜକୁ ମାନସିକ ଶାନ୍ତି ମିଳିଥାଏ।
- ଅତି ଜରୁରୀ ନହୋଇଥିଲେ ନିଜ କାମର ଦାୟିତ୍ୱ ଅନ୍ୟକୁ ନଦେଇ ନିଜେ ହିଁ ଶେଷ କରନ୍ତୁ।
- ନିଜ ସହକର୍ମୀଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବା ଉଚିତ୍। କାହା ଉପରେ କ୍ରୋଧିତ ନହୋଇ ବିନମ୍ରତା ସହ କଥାବାର୍ତ୍ତା କରନ୍ତୁ।
- ଯଦି କୌଣସି ସହକର୍ମୀଙ୍କୁ ପ୍ରମୋସନ ବା ଉଚ୍ଚ ପଦବୀ ମିଳୁଛି ତେବେ ତାଙ୍କୁ ଅଭିନନ୍ଦନ ଜଣାନ୍ତୁ। ଈର୍ଷାଭାବ ରଖନ୍ତୁ ନାହିଁ।
- ଯେପର୍ଯ୍ୟନ୍ତ ଆପଣଙ୍କ ମତାମତ ଲୋଡ଼ା ନଯାଇଛି ସେପର୍ଯ୍ୟନ୍ତ ନିଜ କାମରେ ହିଁ ବ୍ୟସ୍ତ ରୁହନ୍ତୁ, ଅନ୍ୟମାନଙ୍କ କଥାରେ ସାମିଲ୍ ହୁଅନ୍ତୁ ନାହିଁ।
- ଯଦି କୌଣସି ବ୍ୟକ୍ତିଗତ ସମସ୍ୟାକୁ ନେଇ ଚିନ୍ତିତ ଥାଆନ୍ତି ତେବେ ବି ଅଫିସ୍‌ରେ ନିଜକୁ ଖୁସି ଖୁସି ରଖିବାକୁ ଚେଷ୍ଟା କରନ୍ତୁ।
- ସହକର୍ମୀଙ୍କ ବିବାହ, ଜନ୍ମଦିନ କିମ୍ବା କୌଣସି ଉତ୍ସବରେ ଆପଣଙ୍କୁ ନିମନ୍ତ୍ରଣ କରାଗଲେ ଉପଯୁକ୍ତ ଉପହାର ନେଇଯାଆନ୍ତୁ। ଯଦି କିଛି ଅସୁବିଧା ପାଇଁ ଯାଇପାରୁନାହାନ୍ତି ତେବେ ତାଙ୍କୁ ବିନମ୍ରତାର ସହ ଜଣାଇଦିଅନ୍ତୁ।
- ଆପଣଙ୍କ ଅସୁବିଧା ସମୟରେ ଯଦି କେହି ସହକର୍ମୀ ସାହାଯ୍ୟ କରୁଛନ୍ତି ତେବେ ତାଙ୍କୁ ଧନ୍ୟବାଦ ଜଣାଇବାକୁ ଭୁଲନ୍ତୁ ନାହିଁ। ଯଦି ପାରୁଛନ୍ତି ତାହେଲେ ଗୋଟେ ଛୋଟ ଉପହାର ଦେଇ ଧନ୍ୟବାଦ ଦିଅନ୍ତୁ।
- ଯଦି କେହି ସହକର୍ମୀ ଥଟ୍ଟା, ପରିହାସରେ ବିରକ୍ତ କରାନ୍ତି ବା ଆପଣଙ୍କ ଧୈର୍ଯ୍ୟର ପରୀକ୍ଷା କରୁଥାନ୍ତି ତେବେ ଜମା ବି ବିରକ୍ତିଭାବ ପ୍ରକାଶ ନକରି ଶାନ୍ତ ଭାବେ ଶୁଣନ୍ତୁ। ସବୁ ଶୁଣିସାରି ସଠିକ୍ ଉତ୍ତର ଦିଅନ୍ତୁ।
- ଆପଣ ଚାହିଁଲେ କାମକୁ ନିଜସ୍ୱ ଶୈଳୀରେ ଶେଷ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିବେ।
- ସାହସ, ଉତ୍ସାହ ଓ ଆତ୍ମବିଶ୍ୱାସକୁ ପାଥେୟ କରି ନିଜ ସଫଳତାକୁ ଆଡ଼କୁ ଅଗ୍ରସର ହୋଇପାରିବେ।



**ଶୀତଦିନେ ସାଧାରଣତଃ ଉଷୁମ ପାଣିରେ ଗାଧୋଇବାକୁ ସମସ୍ତେ ଚାହାଁନ୍ତି। କିନ୍ତୁ ସବୁବେଳେ ଏପରି ଗରମ ପାଣିରେ ଗାଧୋଇବା ଶରୀର ପାଇଁ କ୍ଷତିକାରକ ବୋଲି ଗବେଷଣାରୁ ଜଣାପଡ଼ିଛି। କାରଣ ୩୭ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ଗରମ ଥିବା ପାଣିରେ ଗାଧୋଇଲେ ଅନେକ ପ୍ରକାରର ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ତ୍ୱଚା ଏବଂ କେଶର ନ୍ୟାଚୁରାଲ୍ ମଶ୍ଚର୍ ନଷ୍ଟ ହୋଇଯିବାର ସମ୍ଭାବନା ଅଧିକ। ତେବେ ନିୟମିତ ଗରମ ପାଣିରେ ଗାଧୋଇବା ଦ୍ୱାରା କ'ଣ କ'ଣ ଅସୁବିଧା ଦେଖାଦେଇଥାଏ ସେ ସମ୍ପର୍କରେ ଜାଣିରଖନ୍ତୁ...**

# ଗରମ ପାଣିରେ ଗାଧୁଆ: ଅହିତକର





- ଗରମ ପାଣିରେ ଗାଧୋଇଲେ ଏହା କେଶ ମୂଳକୁ ଶୁଷ୍କ କରିଦିଏ। ଫଳରେ ରୂପି ହେବାର ଆଶଙ୍କ ଅଧିକ। କେଶ ଝଡ଼ିବା ସମସ୍ୟା ଦେଖାଦିଏ ଓ କେଶ ମଧ୍ୟ ଫାଟେ।
- ଗରମ ପାଣି ହେତୁ ତ୍ୱଚାର ଟିସୁଗୁଡ଼ିକ ନଷ୍ଟ ହେବାକୁ ଲାଗେ। ଯାହାଦ୍ୱାରା କମ୍ ବୟସରୁ ବି ତ୍ୱଚାରେ ଭାଙ୍ଗ ପଡ଼ିବା ଦେଖାଯାଏ। ଆଲର୍ଜି, କୁଣ୍ଡେଇ ହେବା ଭଳି ଚର୍ମରୋଗ ହେବାର ମଧ୍ୟ ସମ୍ଭାବନା ରହିଛି।
- ଗରମ ପାଣିରେ ଗାଧୋଇଲେ ଆଖି ଶୁଷ୍କ ହୋଇଯିବାରୁ ଲାଲ୍ ପଡ଼ିବା, କୁଣ୍ଡେଇ ହେବା ଏବଂ ବାରମ୍ବାର ପାଣି ବୋହିବା ଭଳି ସମସ୍ୟା ହୁଏ।
- ହାତ ଓ ପାଦ ନଖ ଉପରେ ଗରମ ପାଣି ଖରାପ ପ୍ରଭାବ ପକାଇଥାଏ। ଏହାଦ୍ୱାରା ନଖର ଚମକ୍ ନଷ୍ଟ ହୋଇଯାଏ। ତେଣୁ ନଖ ଭାଙ୍ଗିବା, କଣନଖା ଭଳି ଅସୁବିଧା ହୁଏ।

# ପିଲାଙ୍କୁ ଦିଅନ୍ତୁ ସନ୍ତୁଳିତ ଆହାର



ପିଲାଙ୍କ ପାଟିକୁ ଯେଉଁ ସବୁ ଖାଦ୍ୟ ଭଲ ଲାଗେ ସେମାନେ ତାକୁ ହିଁ ଖାଇବା ପାଇଁ ଜିଦି କରନ୍ତି। କେଉଁ ଖାଦ୍ୟକୁ କେତେ ମାତ୍ରାରେ ଖାଇବା ଦରକାର ସେସବୁ ପ୍ରତି ସେମାନଙ୍କର ଧାରଣା ନଥାଏ। ପିଜ୍ଜା, ବର୍ଗର୍, ଚାଓମିନ୍ ଭଳି ଫାଷ୍ଟ୍‌ଫୁଡ୍‌କୁ ଅଧିକ ଗୁରୁତ୍ୱ ଦିଅନ୍ତି। ଏସବୁ ଆଗରେ ସବୁଜ ପନିପରିବା, ଫଳ ବା ପୋଷଣ ଉପାଦାନ ଥିବା ଖାଦ୍ୟ ପ୍ରତି ଟିକେ ବି ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏପରି ପରିସ୍ଥିତିରେ ମାଆମାନେ ଅନେକ ସମୟରେ ବ୍ୟସ୍ତ ହୋଇପଡ଼ନ୍ତି। ପିଲାଙ୍କର ଏଭଳି ଅଭ୍ୟାସକୁ ବଦଳାଇବାକୁ ବାରମ୍ବାର ଚେଷ୍ଟା କରନ୍ତି। ପତ୍ର ଥିବା କୌଣସି ପନିପରିବାକୁ ଭୁଜିଆ କଲେ ଏହା ହୁଏତ ପିଲାଙ୍କୁ ପସନ୍ଦ ଆସିପାରେ। ପିଲାଙ୍କର ଯଦି ଆଳୁ-ପରଟା ପ୍ରତି ରୁଚି ଥାଏ ତାହେଲେ ଆଳୁ ସହ ଅନ୍ୟାନ୍ୟ ପନିପରିବା ମିଶାଇ ପରଟା ପ୍ରସ୍ତୁତ କରନ୍ତୁ। ଚକୋଲେଟ୍ ବଦଳରେ ପିଲାଙ୍କୁ କ୍ଷୀରରେ ବାଦାମ ମିଶାଇ ପିଇବାକୁ ଦିଅନ୍ତୁ। ଦେଖିବେ ଏସବୁ ସେମାନଙ୍କ ଅଭ୍ୟାସ ଓ ସ୍ୱାଦକୁ ବଦଳାଇଦେବ। ମ୍ୟାଗି, ନୁଡୁଲ୍ସ ବଦଳରେ ବିଭିନ୍ନ ପ୍ରକାର ସୁପ୍ ପ୍ରସ୍ତୁତ କରି ଖୁଆନ୍ତୁ। ଏହା ପୋଷଣ ଦେବାର ଏକ ମାଧ୍ୟମ। ପିଲାକୁ ପାଳଙ୍ଗ ଓ କର୍ଣ୍ଣକୁ ମିଶାଇ ସୁପ୍ କରି ଦିଅନ୍ତୁ। ଯଦି କୌଣସି ଫଳ ଖାଇବାକୁ ପିଲା ଚାହୁଁନଥାଏ ତାହେଲେ ବିଭିନ୍ନ ପ୍ରକାର ଫଳକୁ ଛୋଟ ଛୋଟ କରି କାଟି ମିକ୍ସ ସାଲାଡ୍ ପ୍ରସ୍ତୁତ କରନ୍ତୁ। ଏହାକୁ ନିଶ୍ଚୟ ସେମାନେ ଖାଇବାକୁ ଆଗ୍ରହ କରିବେ। ଏପରି କଲେ ହିଁ ଆପଣଙ୍କ ପିଲାକୁ ସନ୍ତୁଳିତ ପୋଷଣ ମିଳିପାରିବ।

# ଫ୍ୟାଶନ୍‌ରେ ଲଙ୍ଗ୍ ବୁଟ୍‌ସ୍

ଶୀତରେ ପାଦକୁ ଆରାମ ଦେବା ପାଇଁ ମୋଜା ତ ପିନ୍ଧିବା ନିହାତି ଆବଶ୍ୟକ। କିନ୍ତୁ ଯଦି ଆପଣ ଲଙ୍ଗ୍ ବୁଟ୍ସ ପିନ୍ଧିବେ ତାହା ଶୀତରୁ ରକ୍ଷା କରିବା ସହ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ୍ ବି ଦେଇପାରିବ। ଏହାକୁ ପିନ୍ଧିବା ପାଇଁ ଆପଣଙ୍କୁ ବେଶୀ ଚିନ୍ତା କରିବାକୁ ପଡ଼ିବନି। କାରଣ ଯଦି ୱେଷ୍ଟର୍ନ୍ ଗେଟ୍‌ଅପ୍‌ରେ ଯାହା ବି ପିନ୍ଧିଛନ୍ତି ସେଥିରେ ଲଙ୍ଗ୍ ବୁଟ୍ସ ପରଫେକ୍ଟ ଲାଗିବ। ଲଙ୍ଗ୍ ବୁଟ୍ସ କଲେଜ ହେଉ ବା ପାର୍ଟି ଯେକୌଣସି ଜାଗାରେ ଓ ଆଉଟ୍ ଫିଟ୍ ସହ ମ୍ୟାଚ୍ କରିବ। ଏଥିରେ ଥିବା ଷ୍ଟାଇଲିଶ୍ ବଟନ୍ ଓ ଲେସ୍ ଅଧିକ ସୁନ୍ଦର ଦିଶେ। ମାର୍କେଟ୍‌ରେ ଏବେ ସାଇଡ୍ ଓ ବ୍ୟାକ୍ ସାଇଡ୍ ଜିପ୍ ଥିବା, ପୋଲ୍‌କା ଡଟ୍ସ, ବେଲ୍ଟ ଷ୍ଟାଇଲ୍, ଆନିମଲ୍ ପ୍ରିଣ୍ଟେଡ୍ ଭଳି ବିଭିନ୍ନ ଡିଜାଇନର ଲଙ୍ଗ୍ ବୁଟ୍‌ସ୍ ସହଜରେ ମିଳିଯାଉଛି। ଯଦି ଆପଣ ପ୍ରଥମ ଥର ପାଇଁ ବୁଟ୍ସ କିଣୁଛନ୍ତି ତେବେ ଆଙ୍କେଲ୍ ଲେନ୍ଥ ବୁଟ୍‌ସ୍‌କୁ ବାଛନ୍ତୁ। ନିଜକୁ ଆରାମ ଲାଗୁଥିବା ଭଳି ବୁଟ୍ସକୁ ପ୍ରାଧାନ୍ୟ ଦେବା ଜରୁରୀ। ଯଦି ଆପଣଙ୍କ ଉଚ୍ଚତା କମ୍ ତେବେ ନି' ଲେନ୍ଥ ବୁଟ୍ସ ନକିଣି ଆଙ୍କେଲ୍ ଲେନ୍ଥ କିଣିଲେ ଭଲ ଲାଗିବ। ଯଦି ଅଧିକ ଉଚ୍ଚତା ହୋଇଥାଏ, ନି' ଲେନ୍ଥ ବା ଥାଇ ଲେନ୍ଥ ବୁଟ୍ସ ଟ୍ରାଏ କରନ୍ତୁ। ଜିନ୍ସ ବା ସ୍କର୍ଟରେ ଏହି ସବୁ ବୁଟ୍ସ ଅଧିକ ସୁନ୍ଦର ଲାଗିବ। ନି' ହାଇ ବୁଟ୍ସ ସହ ସାର୍ଟ-ସ୍କର୍ଟ ପିନ୍ଧିବାକୁ ଚାହୁଁଥିଲେ ତାହେଲେ ନି' ସ୍କର୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।







## ତିରୁପତି ଲଡୁ ବିବାଦ

# ସିବିଆଇ ମୁଖ୍ୟଙ୍କ ନେତୃତ୍ୱରେ ଏସ୍ଆଇଟି ତଦନ୍ତ



**ଏଜେନ୍ସି : ନୂଆଦିଲ୍ଲୀ :** ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଲଡୁ ପ୍ରସାଦରେ ପଶୁଚର୍ବିଯୁକ୍ତ ଅପମିଶ୍ରିତ ଘିଅ ବ୍ୟବହାର ହୋଇଥିବା ଅଭିଯୋଗର ପୁନଃତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଏକ ରାଜନୈତିକ ନାଟକରେ ପରିଣତ କରାଯିବା ଉଚିତ ନୁହେଁ କହି ବିଶ୍ୱର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଚିନ୍ତା ଦୂର କରିବା ଉଦ୍ଦେଶ୍ୟରେ ସିବିଆଇ ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଭୂଷଣ ଆର୍ ଗବାଇ ଓ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍ଆଇଟିରେ ସିବିଆଇ ଓ ଆନ୍ଧ୍ର ପୁଲିସର ୨ ଜଣ ଲେଖାଏ ଅଧିକାରୀ ଏବଂ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ)ର ଜଣେ ସଦସ୍ୟ ରହିବେ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ନୂତନ ତଦନ୍ତ ପାଇଁ ଆଦେଶ ରାଜ୍ୟ ସରକାରଙ୍କ ତଦନ୍ତ କମିଟି ସଦସ୍ୟଙ୍କ ସ୍ୱାଧୀନତା କିମ୍ବା ନିରପେକ୍ଷତାକୁ ନେଇ କେତେକ ଆବେଦନକାରୀ କରିଥିବା ଅଭିଯୋଗ ଉପରେ ଆଧାରିତ ନୁହେଁ। କୋଟି କୋଟି ଲୋକଙ୍କ ସନ୍ଦେହ ଦୂର କରିବା ପାଇଁ ଆମେ ଏହି କମିଟି ଗଠନ କରିଛୁ ବୋଲି ଅଦାଲତ କହିଛନ୍ତି।

ପୂର୍ବ ତଦନ୍ତ ସମୟରେ ଦିଆଯାଇଥିବା ପରସ୍ପରବିରୋଧୀ ରିପୋର୍ଟ ଓ ସାର୍ବଜନୀନ ବୟାନକୁ ନେଇ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ପରେ ଏହି ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ଶୁଣାଣିରେ କୋର୍ଟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କୁ ତଦନ୍ତ ସରିବା ପୂର୍ବରୁ ଅଭିଯୋଗ ସାର୍ବଜନୀନ କରିଥିବାରୁ କଡ଼ା ସମାଲୋଚନା କରିଥିଲେ। ଗତ ସେପ୍ଟେମ୍ବର ୧୮ ତାରିଖରେ ନାଇଡୁ ପୂର୍ବତମ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ ରେଡ୍ଡୀଙ୍କ ବିରୋଧରେ ଲଡୁ ପ୍ରସାଦ ତିଆରିରେ ପଶୁଚର୍ବି ସମେତ ନିମ୍ନମାନର ଉପାଦାନ ବ୍ୟବହାର କରିବାକୁ ଅନୁମତି ଦେଇଥିବା ଅଭିଯୋଗ ଆଣିଥିଲେ। ଏହି ଦାବିକୁ ନେଇ ସମଗ୍ର ଆନ୍ଧ୍ରପ୍ରଦେଶରେ ପ୍ରତିବାଦ ଆରମ୍ଭ ହୋଇଥିଲା। କିନ୍ତୁ ରେଡ୍ଡୀ ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଓ ମିଥ୍ୟା ବୋଲି କହି ଖଣ୍ଡନ କରିଥିଲେ।

# ଦୁଇଟି ହୋଟେଲକୁ ବୋମା ଧମକ, ହାଇ ଆଲର୍ଟ ଜାରି

**ନୂଆଦିଲ୍ଲୀ :** ରାଜସ୍ଥାନ ଜୟପୁରରେ ଥିବା ଦୁଇ ହୋଟେଲକୁ ବୋମା ଧମକ। ଏନେଇ ଉଓଝର ପାଖକୁ ଏକ ଅଜଣା ମେଲ୍ ଆସିଛି। ତୁର' ସମ୍ପୃକ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇ ତନ ତନ କରି ସନ୍ଧାନ କରାଯାଇଥିଲା। ମାତ୍ର କୌଣସି ବୋମା କିମ୍ବା ବିସ୍ଫୋରକ ଦ୍ରବ୍ୟ ମିଳି ନ ଥିଲା। ତେବେ ଗତକାଲି ବେଙ୍ଗାଲୁରୁରେ ଥିବା ୩ ପ୍ରସିଦ୍ଧ କଲେଜକୁ ବୋମା ବିସ୍ଫୋରଣର ଧମକ ମିଳିଥିବା ବେଳେ ଏହାପରେ ରାଜସ୍ଥାନ ଜୟପୁରରେ ଥିବା ଦୁଇ ହୋଟେଲକୁ ମିଳିଛି ଧମକ।

ଜୟପୁର ଏୟାପୋର୍ଟର ଝଏଉଙ ସନ୍ଦୀପ ବସେରାଙ୍କ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ଣ ସମୟରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ମେଲ୍ ପଠାଇଥିଲେ। ଉକ୍ତ ମେଲରେ ଦୁଇ ହୋଟଲକୁ ଉଡାଇ ଦେବାକୁ ଧମକ ଦିଆଯାଇଥିଲା। ପୁଲିସ୍ ଏହି ମାମଲାର ଯାଞ୍ଚ କରୁଥିବା ବେଳେ ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ସନ୍ଧାନ କରୁଛି। ଗତକାଲି ବେଙ୍ଗାଲୁରୁର ୩ ପ୍ରତିଷ୍ଠିତ କଲେଜକୁ ବୋମାରେ ଉଡାଇ ଦେବାକୁ ଧମକ ଦିଆଯାଇଥିବା ବେଳେ ତା' ପୂର୍ବରୁ ରାଜସ୍ଥାନର ହନୁମାନଗଡରେ ବହୁ ରେଳ ଷ୍ଟେଶନକୁ ଉଡାଇ ଦେବାର ଏକ ଚିଠି ମିଳିଥିଲା। ପ୍ରକାଶ ଥାଉକି, ଦୁଇଦିନ ପୂର୍ବରୁ ରାଜସ୍ଥାନର ହନୁମାନଗଡ଼ରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଥିଲା। ହନୁମାନଗଡ଼ ଷ୍ଟେସନ ମାଷ୍ଟରଙ୍କୁ ଡାକରୁ ଧମକପୂର୍ଣ୍ଣ ଚିଠି ମିଳିଥିଲା। ଯେଉଁଥିରେ ଲେଖାଥିଲା ଯେ ଅକ୍ଟୋବର ୩୦ ତାରିଖରେ ରାଜସ୍ଥାନର ଅନେକ ଷ୍ଟେସନକୁ ବୋମାରେ ଉଡାଇ ଦେବାକୁ ଲେଖାଥିଲା।

# ଠପ ହୋଇଗଲା ଇଣ୍ଡିଗୋର ସିଷ୍ଟମ

**ଏଜେନ୍ସି : ନୂଆଦିଲ୍ଲୀ :** ଆଜି ଇଣ୍ଡିଗୋ ଏୟାରଲାଇନ୍ସର ସିଷ୍ଟମ ହଠାତ୍ ଠପ ହୋଇଯାଇଛି। ଏହି କାରଣରୁ ଯାତ୍ରୀମାନେ ଦେଶର ବିଭିନ୍ନ ବିମାନବନ୍ଦରରେ ଫସି ରହିଛନ୍ତି। ଯାତ୍ରୀମାନେ ସହାୟତା ପାଇଁ ଡିଜିସିଏକୁ ନିବେଦନ କରିଛନ୍ତି। ଏହି ସଙ୍କଟ ସକାଳ ୧୨.୩୦ ରେ ଆରମ୍ଭ ହୋଇଥିଲା। ଏହି କାରଣରୁ କେବଳ ବିମାନ ଉଡ଼ାଣରେ ସମସ୍ୟା ହୋଇନାହିଁବରଂ ଗ୍ରାଉଣ୍ଡ ସେବା ମଧ୍ୟ ବନ୍ଦ ହୋଇଯାଇଛି। ଏହି କାରଣରୁ ଯାତ୍ରୀମାନେ ଅସୁବିଧାରେ ପଡ଼ନ୍ତି। ଏହି ସମସ୍ୟା ପାଇଁ ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ କ୍ଷମା ମାଗିଛି।



ଅନେକ ଯାତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସେମାନଙ୍କର ସମସ୍ୟା ବିଷୟରେ ଲେଖିଛନ୍ତି। ଏହି ବୈଷୟିକ ସମସ୍ୟା ହେତୁ ଯାତ୍ରୀମାନେ ବିମାନ ଚଢ଼ିବାରେ କିମ୍ବା ଟିକେଟ୍ ବୁକ୍ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ବଡ କଥା ଯେ ଏହି ସମସ୍ୟା ଯୋଗୁଁ ଯାତ୍ରୀମାନେ ବୋର୍ଡିଙ୍ଗ ପାସ ମଧ୍ୟ ପାଇପାରୁନଥିବାବେଳେ ବିମାନବନ୍ଦରମାନଙ୍କରେ ଅସମ୍ଭବ ଭିଡ ଦେଖିବାକୁ ମିଳିଛି। ଭ୍ରମଣରେ ବିଳମ୍ବ ହେତୁ ଯାତ୍ରୀମାନେ ବିମାନବନ୍ଦରରେ ଫସି ରହି ନିରାଶ ହୋଇଛନ୍ତି। ଇଣ୍ଡିଗୋ ଲେଖିଛି ଯେ ଆମ ନେଟୱାର୍କରେ ଏକ ଛୋଟ ସମସ୍ୟା ଦେଖାଦେଇଛି। ଏହି କାରଣରୁ, ଇଣ୍ଡିଗୋର ୱେବସାଇଟ୍ ଏବଂ ବୁକିଂ ସିଷ୍ଟମ୍ କାମ କରୁନାହିଁ। ଏହି କାରଣରୁ ଗ୍ରାହକଙ୍କୁ ଚେକ୍ ଇନ୍ କରିବାକୁ ବହୁତ ସମୟ ଅପେକ୍ଷା କରିବାକୁ ପଡିପାରେ। ଆମ ଦଳ ଏହାକୁ ଠିକ୍ କରିବାରେ ବ୍ୟସ୍ତ ଅଛନ୍ତି। ଅସୁବିଧା ପାଇଁ ଆମେ ଦୁଃଖିତ। ଦେଶର ବୃହତ୍ତମ ବିମାନ ସେବା କମ୍ପାନୀ ଇଣ୍ଡିଗୋ ଦୈନିକ ପ୍ରାୟ ୨୦୦୦ ବିମାନ ଚଳାଚଳ କରିଥାଏ। ଏଥିରେ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ଅନ୍ତର୍ଭୁକ୍ତ। ଏହି କାରଣରୁ ଏହି ସଙ୍କଟ ବଡ ହୋଇଯାଇଛି। ଜଣେ ଉପଭୋକ୍ତା ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ଇଣ୍ଡିଗୋ ନୂତନ ବିମାନ କିଣୁଛି କିନ୍ତୁ ଗ୍ରାଉଣ୍ଡ ସେବା ବୃଦ୍ଧି ପାଇଁ କିଛି କରିବାକୁ ଚାହୁଁନାହିଁ। ଆମେ ଘଣ୍ଟା ଘଣ୍ଟା ଧରି ଅଟକି ରହିଛୁ ଏବଂ କିଛି ଘଟୁନାହିଁ। ଡିଜିସିଏ ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ଉଚିତ୍। ଜଣେ ଉପଭୋକ୍ତା ବିମାନବନ୍ଦରକୁ ରେଳ ଷ୍ଟେସନ ପରି ବର୍ଣ୍ଣନା କରିଛନ୍ତି।

# ହମାସ ଓ ଇସ୍ରାଏଲ ସଂଘର୍ଷ ଅନ୍ତରାଷ୍ଟ୍ରୀୟ ମଞ୍ଚରେ ଖୁବ୍ ଚିନ୍ତା ବଢାଇ ଦେଇଛି: ଏସ୍ ଜୟଶଙ୍କର

**ଏଜେନ୍ସି : ନୂଆଦିଲ୍ଲୀ :** ମଧ୍ୟ ପୂର୍ବରେ ଚାଲିଥିବା ହମାସ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷ ଅନ୍ତରାଷ୍ଟ୍ରୀୟ ମଞ୍ଚରେ ଖୁବ୍ ଚିନ୍ତା ବଢାଇ ଦେଇଛି। ଭାରତର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଏହା ଉପରେ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ସଂଘର୍ଷ କେବଳ ଏକ କ୍ଷେତ୍ରୀୟ ସମସ୍ୟା ନୁହେଁ, ବରଂ ଏଥିରେ ବୈଶିକ ସ୍ତରରେ ଅସ୍ଥିରତାର ବିପଦ ବଢି ଯାଇଛି। ସେ ଏହାକୁ ଗଭୀର ଚିନ୍ତାର ବିଷୟ କହିଛନ୍ତି, ଯେଉଁଥିରେ ଭାରତ ସମେତ ପୂରା ଦୁନିଆ ପ୍ରଭାବିତ ହେଉଛି। ଜୟଶଙ୍କର ସ୍ପଷ୍ଟ ଭାବେ କହିଛନ୍ତି ଯେ, ଭାରତ ମିଡିଲ ଇଷ୍ଟର ଏହି ଯୁଦ୍ଧର ଫାଇଦା ଉଠାଉ ନାହିଁ ବରଂ ଏଥିରେ ଏହାର କ୍ଷତି ହେଉଛି।



ବିଦେଶ ମନ୍ତ୍ରୀ ଏସ୍ .ଜୟଶଙ୍କର କହିଛନ୍ତି, ମଧ୍ୟ ପୂର୍ବ ଆଜି ଏକ ଅବସର ନୁହେଁ, ବରଂ ଗଭୀର ଚିନ୍ତାର ବିଷୟ। ସଂଘର୍ଷ ବଢିବାରେ ଲାଗିଛି ଏବଂ ଏହାର ପ୍ରଭାବ କେବଳ ସେଠାରେ ନାହିଁ, ବରଂ ପୂରା ବିଶ୍ୱ ଉପରେ ପଡୁଛି। ସେ କହିଛନ୍ତି ଯେ, ଗ୍ଲୋବାଲ ସପ୍ଲାଇ ଚେନ୍ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି, ଯେଉଁଥିରେ ଭାରତ ସମେତ ଅନ୍ୟ ଦେଶ ଗୁଡ଼ିକୁ ଆର୍ଥିକ ଓ ସୁରକ୍ଷା ସମ୍ବନ୍ଧୀୟ ଚ୍ୟାଲେଞ୍ଜର ସାମନା କରିବାକୁ ପଡ଼ିପାରେ। ଏହି ସଂଘର୍ଷ ଲଗାତାର ବଢିବାରେ ଲାଗିଛି- ପ୍ରଥମେ ଆମେ ଏକ ଆତଙ୍କୀ ହମଲା ଦେଖିଲୁ, ଏହାପରେ ଏହାର ଜୋରଦାର ପ୍ରତିକ୍ରିୟା ହେଲା, ଏହାପରେ ଗାଜାରେ ଯାହା କିଛି ହେଲା, ତାହା ସମସ୍ତଙ୍କ ସାମନାରେ। ଏବେ ଆମେ ଦେଖୁଛୁ କି ଏହି ସଂଘର୍ଷ ଲେବାନନ ଯାଏ ବ୍ୟାପି ଗଲାଣି, ଯେଉଁଠି ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ତେଜନା ବଢୁଛି। ସେପଟେ ହୁଥି ବିଦ୍ରୋହୀ ଲାଲ ସାଗରରେ ହମଲା କରୁଛି।

ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ, ଏହି ସଂଘର୍ଷ ବୈଶ୍ୱିକ ସମସ୍ୟା ଗୁଡ଼ିକୁ ସୃଷ୍ଟି କରୁଛି। ସେ କହିଛନ୍ତି, ଏହା କେବଳ କୌଣସି ଏକ କ୍ଷେତ୍ରର ସମସ୍ୟା ନୁହେଁ ଏବଂ ଏହି ଭାବିବା ଭୁଲ ହେବ କି କେହି ନିରପେକ୍ଷ ରହି ଏଥିରେ ଲାଭ ଉଠାଇ ପାରିବ। ବୈଶ୍ୱିକରଣର ଏହି ଯୁଗରେ, କୌଣସି ବି ସ୍ଥାନରେ ହେଉ ଥିବା ସଂଘର୍ଷ/ ଯୁଦ୍ଧ କେଉଁଠି ନା କେଉଁଠି ଦୁନିଆର ଅନ୍ୟ ଭାଗରେ ପ୍ରଭାବ ପକାଇ ଥାଏ। ଏଥିରେ କୌଣସି ନା କୌଣସି ପ୍ରକାରର ସପ୍ଲାଇ ଚେନ୍ ଉପରେ ପ୍ରଭାବ ପଡ଼ିବ। ଆଜି ସାରା ଦୁନିଆରେ ହେଉଥିବା ସଂଘର୍ଷ, ତାହା ୟୁକ୍ରେନରେ ହେଉ ବା ମଧ୍ୟ ପୂର୍ବ ଓ ପଶ୍ଚିମ ଏସିଆରେ, ଏହି ଅସ୍ଥିରତାର ବଡ଼ କାରଣ ପାଲଟି ସାରିଛି।

# ସଂରକ୍ଷଣ ସୀମା ୫୦%ରୁ ଉପରକୁ ଉଠାଅ : ରାହୁଲ



**ଏଜେନ୍ସି : କୋହ୍ଲାପୁର :** ମହାରାଷ୍ଟ୍ର ରାହୁଲ ଗାନ୍ଧି ବଡ଼ ଘୋଷଣା କରିଛନ୍ତ ଯେ ଯଦି ତାଙ୍କ ସରକାର କ୍ଷମତାକୁ ଆସେ ତେବେ ୫୦ ପ୍ରତିଶତ ସଂରକ୍ଷଣ ସୀମା ହଟାଇ ଦିଆଯିବ ଏବଂ ଜାତିଗତ ଜନଗଣନା କରାଯିବ ଓ ସାମାଜିକ-ଅର୍ଥନୈତିକ ସର୍ଭେ କରାଯିବ। ଆମେ ଯାହା କହୁଛୁ ତାହା କରିବୁ ବୋଲି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କୋହ୍ଲାପୁରରେ ଅନୁଷ୍ଠିତ ସମ୍ବିଧାନ ସମ୍ମାନ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି।

ସେ କହିଛନ୍ତି, କଂଗ୍ରେସ କ୍ଷମତାକୁ ଆସିଲେ ଲୋକସଭା ଓ ରାଜ୍ୟସଭାରେ ଆଇନ ଆଣି ସଂରକ୍ଷଣର ୫୦% ସର୍ବୋଚ୍ଚ ସୀମା ହଟେଇବ, ଜାତିଗତ ଜନଗଣନା କରିବ, ଆମେ କେବଳ ଜାତିଗତ ଜନଗଣନା କଥା କହୁନାହୁଁ, କାହାର କେତେ ଜନସଂଖ୍ୟା ଅଛି ଏବଂ କେତେ ରହିଛି, ଅର୍ଥନୈତିକ ସାମାଜିକ ଅର୍ଥନୈତିକ ସର୍ବେକ୍ଷଣ ମଧ୍ୟ କରାଯିବ। ପୂର୍ବରୁ ନରେନ୍ଦ୍ର ମୋଦୀ କହୁଥିଲେ ୪୦୦ ଆସନ କିନ୍ତୁ ଏହା ପରେ ଭାରତବାସୀ କହିଥିଲେ ଯେ ଏହାକୁ ଛୁଇଁଲେ ଭଲ ହେବ ନାହିଁ, ଏହା ପରେ ମୋଦୀଙ୍କୁ ସମ୍ବିଧାନ ଆଗରେ ମୁଣ୍ଡ ନୁଆଁଇବାକୁ ପଡିଛି। ସମ୍ବିଧାନର ସୁରକ୍ଷା ପାଇଁ ଦୁଇଟି ଉପାୟ ରହିଛି, ଜାତିଗତ ଜନଗଣନା ଓ ୫୦ ପ୍ରତିଶତ ସଂରକ୍ଷଣର ସୀମାକୁ ଶେଷ କରିବା। ଭଣ୍ଡାରି ହୁଅନ୍ତୁ କିମ୍ବା ମୋଚି, ଯେଉଁମାନଙ୍କ ହାତରେ ଦକ୍ଷତା ଅଛି, ସେମାନଙ୍କ ବିଷୟରେ ଆଲୋଚନା କରାଯାଏ ନାହିଁ। ଆମ ଶିକ୍ଷା ବ୍ୟବସ୍ଥାରେ ସେମାନଙ୍କୁ ଶିକ୍ଷା ଦିଆଯାଉନାହିଁ। ମୁଁ ନିଜେ ସ୍କୁଲରେ ଦଳିତଙ୍କ ଇତିହାସ ବିଷୟରେ ପଢିନଥିଲି। ଆଉ ଦଳିତଙ୍କ ଅବଶିଷ୍ଟ ଇତିହାସ ଓ ଯେଉଁମାନଙ୍କ ହାତରେ ଦକ୍ଷତା ରହିଛି, ସେମାନଙ୍କ ଶିକ୍ଷା ବ୍ୟବସ୍ଥାରେ ଏହାକୁ ଲୋପ କରିବାକୁ ପ୍ରୟାସ କରାଯାଉଛି।

# ହେଜବୁଲ୍ଲାର ଗୁଇନ୍ଦା ମୁଖ୍ୟାଳୟ ଉଡ଼ାଇଲା ଇସ୍ରାଏଲ

**ଏଜେନ୍ସି : ଜେରୁଜେଲମ :** ହେଜବୁଲ୍ଲାର ଅନେକ କମାଣ୍ଡରଙ୍କୁ ହତ୍ୟା କରିବା ପରେ ଇସ୍ରାଏଲ ଏବେ ଲେବାନନରେ ଥିବା ହେଜବୁଲ୍ଲା ଗୁଇନ୍ଦା ମୁଖ୍ୟାଳୟକୁ ଉଡ଼ାଇ ଦେଇଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନାର ଏହି ଆକ୍ରମଣରେ ଅତି କମରେ ୨୫୦ ଲୋକ ପ୍ରାଣ ହରାଇଛନ୍ତି। ଯାହା ଇରାନକୁ ଚିନ୍ତାରେ ପକାଇଦେଇଛି। ଇରାନ କହିଛି ଯେ ସେ ଏବେ ପଛକୁ ହଟିବ ନାହିଁ। ଇସ୍ରାଏଲ ସେନା ଶୁକ୍ରବାର ବେରୁତସ୍ଥିତ ହିଜବୁଲ୍ଲାର ଗୁଇନ୍ଦା ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଫଳରେ ତାହା ଧ୍ୱଂସ ହୋଇଯାଇଛି। ଏହା ସହ ଏହି ଆତଙ୍କବାଦୀ ସଂଗଠନର ଶୀର୍ଷ କମାଣ୍ଡରମାନଙ୍କୁ ଟାର୍ଗେଟ କରାଯାଇଥିଲା। ହିଜବୁଲ୍ଲା ଆତଙ୍କବାଦୀମାନେ ଏକ ହସ୍ପିଟାଲକୁ କମାଣ୍ଡ ସେଣ୍ଟର ଭାବେ ବ୍ୟବହାର କରୁଥିଲେ। ତାହା ମଧ୍ୟ ଆକ୍ରମଣରେ ଭାଙ୍ଗି ଯାଇଛି। ଇରାନର ସର୍ବୋଚ୍ଚ ନେତା ଅଲ୍ଲୀ ଖାମେନି କହିଛନ୍ତି ଯେ ଏହି ଆକ୍ରମଣ ତେହେରାନ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଏବେ ସେ କୌଣସି ମୂଲ୍ୟରେ ପଛଘୁଞ୍ଚା ଦେବେ ନାହିଁ। ଶନିବାର ଇସ୍ରାଏଲ ସେନା ବେରୁତର ଦକ୍ଷିଣାଞ୍ଚଳ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଶନିବାର ସକାଳେ ବେରୁତର ଦକ୍ଷିଣ ଉପକଣ୍ଠରେ ଏକ ବିସ୍ଫୋରଣ ଏବଂ ଧୂଆଁ ଦେଖିବାକୁ ମିଳିଥିଲା। ଏହି ଆକ୍ରମଣ ପୂର୍ବରୁ ଇସ୍ରାଏଲ ସେନା ସ୍ଥାନୀୟ ବାସିନ୍ଦାଙ୍କୁ ତୁରନ୍ତ ଖାଲି କରିବା ପାଇଁ ତିନୋଟି ସତର୍କ ସୂଚନା ଜାରି କରିଥିଲା। ଶନିବାର ସକାଳେ ହେଜବୁଲ୍ଲା କହିଛି ଯେ ଇସ୍ରାଏଲ ସେନା ଲେବାନନର ଦକ୍ଷିଣ ସହର ଓଡାଇସିହରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛି, ଯେଉଁଠାରେ ହେଜବୁଲ୍ଲା ସୈନିକଙ୍କ ସହ ଲଢେଇ ଚାଲିଛି।



# ୧୦ ବର୍ଷର ଛାତ୍ରୀଙ୍କୁ ଅପହରଣ ପରେ ହତ୍ୟା

**ଏଜେନ୍ସି : ନୂଆଦିଲ୍ଲୀ :** କୋଲକାତା ଆରଜି କର କାଣ୍ଡକୁ ନେଇ ଅସନ୍ତୋଷ ଥମି ନଥିବାବେଳେ ପଶ୍ଚିମବଙ୍ଗରୁ ସାମ୍ନାକୁ ଆସିଛି ଆଉ ଏକ ଘଟଣା। ଟ୍ୟୁସନରୁ ଫେରୁଥିବା ଜଣେ ୧୦ ବର୍ଷର ଛାତ୍ରୀଙ୍କୁ କିଛି ଦୁର୍ବୃତ୍ତ ଉଠାଇ ନେଇ ହତ୍ୟା କରିଥିବା ହୋଇଛି ଅଭିଯୋଗ। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ପୋଲିସ କ୍ୟାମ୍ପରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ତେବେ ଦକ୍ଷିଣ ୨୪ ପରାଗଣର ମହିଷାମାରି ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି।

ସୂଚନା ଅନୁସାରେ, ଗତକାଲି ଅର୍ଥାତ ଶୁକ୍ରବାର ଛାତ୍ରୀ ଜଣକ କୋଚିଂ ସେଣ୍ଟର ଯାଇଥିଲେ। କିନ୍ତୁ ନ ଫେରିବାରୁ ପରିବାର ଲୋକେ ନିଖୋଜ ମାମଲା ରୁଜୁ କରିଥିଲେ। ପୋଲିସ ଖୋଜାଖୋଜି କରୁଥିବା ବେଳେ ଏକ ପଡ଼ିଆ ନିକଟରୁ ମୃତଦେହ ମିଳିଛି। ଶନିବାର ରାତି ପ୍ରାୟ ସାଢେ ୩ଟା ସମୟରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏନେଇ ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ପୋଷ୍ଟମୋର୍ଟମ ପାଇଁ ପଠାଇଛି। ଏଥିସହ ଅଧିକ ତଦନ୍ତ ଜାରି ରଖିଛି ପୋଲିସ। ରିପୋର୍ଟ ଆସି ନ ଥିବାବେଳେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣି ବିଜେପି ଟିଏମସିର ମମତା ବାନାର୍ଜୀ ସରକାରଙ୍କ ଉପରେ ବର୍ଷିଛି। ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବିଜେପି ଅଭିଯୋଗ କରିଛି। ସେପଟେ, ଘଟଣାକୁ ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇବା ସହ ପୋଲିସ କ୍ୟାମ୍ପରେ ଭଙ୍ଗାରୁଜା କରିବା ପରେ ଜାଳି ଦେଇଛନ୍ତି।

# ଯୁଦ୍ଧ ସମୟରେ ଇସ୍ରାଏଲ ଯାଇଛନ୍ତି ସେପ୍ଟେମ୍ବରରେ ୧୦୦୦ ଭାରତୀୟ ଶ୍ରମିକ

**ଏଜେନ୍ସି : ନୂଆଦିଲ୍ଲୀ :** ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତ ସରକାର ଏହାର ନାଗରିକମାନଙ୍କୁ ଏକ ପରାମର୍ଶ ଦେଇ ଇରାନକୁ ନ ଯିବାକୁ କହିଥିଲେ। ଏହା ବ୍ୟତୀତ ଲେବାନନ୍ ଏବଂ ଇସ୍ରାଏଲର ଲୋକଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ଆବଶ୍ୟକ ନଥିଲେ କୌଣସି କାର୍ଯ୍ୟ ପାଇଁ ବାହାରକୁ ନ ଯିବାକୁ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ପଶ୍ଚିମ ଏସିଆରେ ପ୍ରାୟ ୯୦ ଲକ୍ଷ ଭାରତୀୟ ବସବାସ କରନ୍ତି, ସେମାନଙ୍କର ସୁରକ୍ଷା ଆମର ପ୍ରାଥମିକତା। ଏୟାର ଷ୍ଟ୍ରାଇକ୍ ଏବଂ ବୋମା ବିସ୍ଫୋରଣ କାରଣରୁ ଜାରି ରହିଥିବା ତିକ୍ତତା ସତ୍ତ୍ୱେ ବହୁ ସଂଖ୍ୟକ ଭାରତୀୟ ଇସ୍ରାଏଲରେ ଫଶି ରହିଛନ୍ତି।

ବିବାଦୀୟ ଅଞ୍ଚଳରେ ଏୟାରଷ୍ଟ୍ରାଇକ ଯୋଗୁ ଅନେକ ଭାରତୀୟଙ୍କର ଭାରତ ଫେରିବାର କୌଣସି ଯୋଜନା ନାହିଁ। ବିଶୃଙ୍ଖଳା ମଧ୍ୟରେ ମଧ୍ୟ ମୋଟାଅଙ୍କର ଟଙ୍କାର ପ୍ରଲୋଭନ ଅନେକ ଭାରତୀୟ ଶ୍ରମିକଙ୍କୁ ଆକର୍ଷିତ କରୁଛି। ଅକ୍ଟୋବର ୭ ରେ ଇସ୍ରାଏଲ ଉପରେ ହମାସ ନେତୃତ୍ୱାଧୀନ ଆକ୍ରମଣ ପରେ ହଜାର ହଜାର ପାଲେଷ୍ଟାଇନୀୟଙ୍କ କାର୍ଯ୍ୟ ଅନୁମତି ସ୍ଥଗିତ ରହିବା ପରେ ଭାରତ ନିଜର କୁଶଳୀ ଶ୍ରମ ଉତ୍ସ ଯୋଗୁ ଇସ୍ରାଏଲ୍ ପାଇଁ ଏକ ପସନ୍ଦର କେନ୍ଦ୍ର ପାଲଟିଛି।

ପାଲେଷ୍ଟାଇନ କର୍ମଚାରୀମାନେ ଯେଉଁମାନେ ପୂର୍ବରୁ ଇସ୍ରାଏଲର ନିର୍ମାଣ କ୍ଷେତ୍ରର ମେରୁଦଣ୍ଡ ଥିଲେ ସେମାନଙ୍କୁ ଭାରତୀୟ ଶ୍ରମିକଙ୍କ ପ୍ରବେଶ ପର ବାହାର କରିଦିଆଯାଇଛି। ଶ୍ରମିକ ଅଭାବର ସମ୍ମୁଖୀନ ହେଉଥିବା ଇସ୍ରାଏଲ ସରକାର ଏହାର ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସମର୍ଥନ କରିବା ପାଇଁ ଭାରତରୁ ସକ୍ରିୟ ଭାବେ ନିଯୁକ୍ତି କରୁଛନ୍ତି। ଭାରତୀୟ ଯୁବକମାନେ ଏହି ସୁଯୋଗର ଫାଇଦା ନେଇଛନ୍ତି ଏବଂ ଇସ୍ରାଏଲରେ ଚାକିରି ପାଇବା ପାଇଁ ହରିୟାଣା, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟରେ ନିଯୁକ୍ତି କେନ୍ଦ୍ର ବାହାରେ ହଜାର ହଜାର ଲୋକ ଛିଡା ହେଉଛନ୍ତି। ନିକଟରେ ନିଆଯାଇଥିବା ଏକ ପଦକ୍ଷେପରେ ଇସ୍ରାଏଲର ଜନସଂଖ୍ୟା, ପ୍ରବାସନ ଏବଂ ସୀମା ପ୍ରାଧିକରଣ ୧୦ ହଜାର ନିର୍ମାଣ ଶ୍ରମିକ ଏବଂ ୫୦୦୦ ଯତ୍ନ ନେଉଥିବା ଏନ୍‌ଏସ୍‌ଡିସିକୁ ନିଯୁକ୍ତ କରିବାକୁ ଅନୁରୋଧ କରିଛି ବୋଲି ଇଣ୍ଡିଆ ଟୁଡେ ରିପୋର୍ଟ କରିଛି। ଡିସେମ୍ବର ୨୦୨୩ ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ୧୬୮୩୨ ପ୍ରାର୍ଥୀ ଦକ୍ଷତା ପରୀକ୍ଷା ଦେଇଥିଲେ, ସେଥିମଧ୍ୟରୁ ୧୦,୩୪୯ ଜଣ ଇସ୍ରାଏଲରେ ଚାକିରି ପାଇଁ ମନୋନୀତ ହୋଇଥିଲେ। ଏକାସାଙ୍ଗରେ, ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୫୮୦୦ ଲୋକ ସ୍ଥାନାନ୍ତର ହୋଇଛନ୍ତି, ଯେଉଁଥିରୁ ୪୮୦୦ ପୂର୍ବରୁ ସେଠାରେ କାମ କରୁଛନ୍ତି ଏବଂ ଏହି ବର୍ଷ ସେପ୍‌ଟେମ୍ବରରେ ୧୦୦୦ ଅଧିକ ପଠାଯାଇଛି।



# ପାକିସ୍ତାନରେ ବସ ଖାଇକୁ ଖସି ୯ ମୃତ

**ଏଜେନ୍ସି : ନୂଆଦିଲ୍ଲୀ :** ପାକିସ୍ତାନର ବେଲୁଚିସ୍ଥାନ ପ୍ରଦେଶର ରାଜଧାନୀ କ୍ୱେଟାର ପଶ୍ଚିମ ବାଇପାସ ନିକଟରେ ଗୁରୁବାର ଏକ ବସ ଖାଇ ଭିତରକୁ ଖସିପଡିବା କାରଣରୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ତିନି ଶିଶୁ ଏବଂ ଜଣେ ମହିଳା ଅଛନ୍ତି। ଡନ ଖବରକାଗଜ ଖବର ଅନୁଯାୟୀ ବସରେ ଯାତ୍ରା କରୁଥିବା ଲୋକମାନେ ଏକ ବିବାହ ଉତ୍ସବରେ ସାମିଲ ହେବାକୁ ଯାଉଥିଲେ। ପୋଲିସ ଏବଂ ଉଦ୍ଧାର କର୍ମଚାରୀ ଦୁର୍ଘଟଣାଗ୍ରସ୍ତ ବସର ମାଟିତଳୁ ମୃତଦେହ ଏବଂ ଆହତଙ୍କୁ ବାହାର କରିଥିଲେ। ଆହତମାନଙ୍କୁ ସିଭିଲ ଡାକ୍ତରଖାନା ନିଆଯାଇଥିଲା। ସିଭିଲ ହସ୍ପିଟାଲର ମୁଖପାତ୍ର ଡା. ବସୀମ ବେଗ କହିଛନ୍ତି ସେମାନଙ୍କ ନିକଟକୁ ୯ ମୃତଦେହ ଏବଂ ୩୦ ଆହତ ଯାତ୍ରୀ ଅଣାଯାଇଛି। ଆହତମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ସପ୍ତାହ-ବ୍ୟାପି ସ୍ୱଚ୍ଛତା ଅଭିଯାନ



**ଝାରସୁଗୁଡା,(କ.ବ୍ୟୁ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଭାରତ ସରକାରଙ୍କ 'ସ୍ୱଚ୍ଛତା ହି ସେବା' ପଦକ୍ଷେପର ଏକ ଅଂଶ ଭାବରେ ଝାରସୁଗୁଡାରେ ଏକ ସପ୍ତାହ ବ୍ୟାପୀ ସ୍ୱଚ୍ଛତା ଅଭିଆନକୁ ସଫଳତାର ସହ ସମାପ୍ତ କରିଛି। ସ୍ୱଚ୍ଛତା ଅଭିଆନ ସର୍ବସାଧାରଣ ସ୍ଥାନଗୁଡିକର ଉନ୍ନତି, ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସବୁଜ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ କମ୍ପାନୀର ସ୍ଥିରତା ରଣନୀତି ସହିତ ଧ୍ୟାନ ଦେଇଥିଲେ। ବୃହତ-ପରିଷ୍କାର ଡ୍ରାଇଭ୍, କଳା ପ୍ରତିଯୋଗିତା ଏବଂ ବୃକ୍ଷରୋପଣ ପାଇଁ ବର୍ଜ୍ୟବସ୍ତୁ ଭଳି କାର୍ଯ୍ୟକଳାପ ସହିତ ଏହି ପଦକ୍ଷେପ କେବଳ ସମ୍ପ୍ରଦାୟର ସ୍ୱଚ୍ଛତାକୁ ବୃଦ୍ଧିକରି ନାହିଁ ବରଂ ପରିବେଶ ପ୍ରତି ଦୀର୍ଘସ୍ଥାୟୀ ସକରାତ୍ମକ ଦାୟିତ୍ୱ ଭାବନାକୁ ବୃଦ୍ଧିକରିବାରେ ସାହାଯ୍ୟ କରିଛି। ଏହି ଅଭିଆନରେ ୧,୩୦୦ ରୁ ଅଧିକ ବେଦାନ୍ତ କର୍ମଚାରୀ, ଛାତ୍ର ଏବଂ ସମ୍ପ୍ରଦାୟର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏକ ସପ୍ତାହ ଧରି ଚାଲିଥିବା ଏହି ପ୍ରୟାସରେ ପରିବେଶ ସ୍ଥିରତା ପ୍ରତି ବେଦାନ୍ତର ପ୍ରତିବଦ୍ଧତା, ଯେପରିକି ଏହାର ପରିବେଶ, ସାମାଜିକ ଏବଂ ଶାସନ (ଇଏସଜି) ଲକ୍ଷ୍ୟ ସହିତ ସମାନ୍ତରାଳ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜିଏସ), ବିଶେଷକରି ଏସଡିଜି ୬ (ସ୍ୱଚ୍ଛ ଜଳ ଏବଂ ପରିମଳ), ଏସଡିଜି ୧୧ (ସ୍ଥାୟୀ ସହର ଏବଂ ସମ୍ପ୍ରଦାୟ), ଏବଂ ଏସଡିଜି ୧୩ (ଜଳବାୟୁ କାର୍ଯ୍ୟ) ଇତ୍ୟାଦିକୁ ଦର୍ଶାଇଛି। ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ - ଶ୍ରୀ ସୁନୀଲ ଗୁପ୍ତା କହିଛନ୍ତି, ଆମର ସ୍ୱଚ୍ଛତା ଅଭିଆନ୍ ଏକ କ୍ଲିନର୍ ଏବଂ ସବୁଜ ଝାରସୁଗୁଡା ନିର୍ମାଣ ପାଇଁ ବେଦାନ୍ତ ଆଲୁମିନିୟମ୍ ଉତ୍ସର୍ଗୀକୃତ ଅଟେ । ପରିଷ୍କାର ଉଦ୍ୟମ, ସୃଜନଶୀଳ ପ୍ରତିଯୋଗିତା ଏବଂ ବୃକ୍ଷରୋପଣ ଦ୍ୱାରା ଆମେ କେବଳ ସର୍ବସାଧାରଣ ସ୍ଥାନ ବୃଦ୍ଧି କରୁନାହୁଁ ବରଂ ସମ୍ପ୍ରଦାୟ ତଥା ଯୁବପିଢିଙ୍କ ମଧ୍ୟରେ ପରିବେଶ ଚେତନା ପ୍ରତିପୋଷଣ କରିବାରେ ସାହାଯ୍ୟ କରିଛି । ବିଶେଷକରି ଏହି ପଦକ୍ଷେପକୁ ସଫଳ କରିବାରେ ଆମର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସ ହୃଦୟସ୍ପର୍ଶୀ ଅଟେ।

# ଆଇପିଏସ ସ୍ତରରେ ବଡ ଧରଣର ଅଦଳ ବଦଳ

**ଭୁବନେଶ୍ୱର,(କ.ବ୍ୟୁ):** ରାଜ୍ୟ ସରକାର ଆଇପିଏସ ସ୍ତରରେ ବଡ ଧରଣର ଅଦଳ ବଦଳ କରିଛନ୍ତି। ଏହି କ୍ରମରେ ବଦଳିଛନ୍ତି କଟକ-ଭୁବନେଶ୍ୱର ପୁଲିସ କମିଶନର ସଞ୍ଜୀବ ପଣ୍ଡା। ତାଙ୍କୁ ଏଡିଜି ଟ୍ରେନିଂ ଓ ବିପିଏସପିଏ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସୁରେଶ ଦେବଦତ୍ତ ସିଂ ହେଲେ କଟକ-ଭୁବନେଶ୍ୱରର ନୂଆ କମିଶନର। ଏକେ ରୟ ହେଲେ ଜେଲ୍ ବିଭାଗ ଡିଜି। ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କର ମଧ୍ୟ ବଦଳି ହୋଇଛି। ତାଙ୍କୁ ଏଡିଜିପି ଆଧୁନିକୀକରଣ ଦାୟିତ୍ୱ ଦିଆଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ବଦଳିଲେ। ତାଙ୍କୁ ଏସସିଆରବି



ଓ ଏସଏଫଏସଏଲ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସ୍ଥାନରେ ଆର୍‌ପି କୋଚେ ହେଲେ ନୂଆ ଗୁଇନ୍ଦା ନିର୍ଦ୍ଦେଶକ। ସେହିପରି ଗୃହ ବିଭାଗ ଓଏସଡି ଏସ୍.ଏମ୍ ନରୱାଣେଙ୍କୁ ପ୍ରିଣ୍ଟିଂ, ଷ୍ଟେସନାରୀ ଓ ପବ୍ଲିକେସନ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣା ବୋଥ୍ରାଙ୍କର ବଦଳି ହୋଇଛି। ତାଙ୍କ ସ୍ଥାନରେ ବିନୟ ତୋଷ ମିଶ୍ର ହେଲେ କ୍ରାଇମବ୍ରାଞ୍ଚ ଏଡିଜି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣା ବୋଥ୍ରାଙ୍କର ବଦଳି ହୋଇଛି। ତାଙ୍କୁ ରେଲୱେ ଓ ତଟ ସୁରକ୍ଷା ଏଡିଜିପି ଦାୟିତ୍ୱ ଦିଆଯାଇଛି। ଅରୁଣ ବୋଥ୍ରାଙ୍କ ସ୍ଥାନରେ ଏସ୍‌ସିଆରବିର ନିର୍ଦ୍ଦେଶକ ଥିବା ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ କରାଯାଇଛି କ୍ରାଇମବ୍ରାଞ୍ଚ ଏଡିଜି ।କଟକ ସ୍ଥିତ ପୁଲିସ ମୁଖ୍ୟାଳୟର ଏଡିଜିପି ଭାବେଅବସ୍ଥାପିତ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଧାକୃଷ୍ଣ ଶର୍ମାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଏଡିଜିପି ଆଧୁନିକୀକରଣ ଦାୟିତ୍ୱରେ ଥିବା ଦୟାଲ୍ ଗଙ୍ଗୱାରଙ୍କୁ ପୁଲିସ ମୁଖ୍ୟାଳୟର ଏଡିଜିପି ଭାବେ ବଦଳି କରାଯାଇଛି। ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ରେଲୱେ ଓ ତଟ ସୁରକ୍ଷା ଏଡିଜିପି ରାଜେଶ କୁମାରଙ୍କୁ ସ୍ପେଶିଆଲ୍ ଆର୍ମଡ ପୁଲିସ ଏଡିଜିପି ଭାବେ ବଦଳି କରାଯାଇଛି। କଟକରେ ଅବସ୍ଥାପିତ କେନ୍ଦ୍ରାଞ୍ଚଳ ଆଇଜିପି ସଞ୍ଜୟ କୁମାର କୌଶଲଙ୍କୁ ଭିଜିଲାନ୍ସ ଆଇଜିପି, ବାଲେଶ୍ୱରରେ ଅବସ୍ଥାପିତ ପୂର୍ବାଞ୍ଚଳ ଆଇଜିପି ଦୀପକ କୁମାରଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଆଇଜିପି ଓ ବ୍ରହ୍ମପୁରରେ ଅବସ୍ଥାପିତ ଦକ୍ଷିଣାଞ୍ଚଳ ଆଇଜିପି ଜୟ ନାରାୟଣଙ୍କୁ ଆଇଜିପି ଅପରେସନ ଭାବେ ବଦଳି କରାଯାଇଛି।

# କାର୍ତ୍ତିକ ବ୍ରତ ପାଇଁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଅନୁମୋଦନ

**ଭୁବନେଶ୍ୱର,(କ.ବ୍ୟୁ):** କାର୍ତ୍ତିକ ମାସରେ ହବିଷ୍ୟାଳୀ ମାନଙ୍କର ବ୍ରତ ପାଳନ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ଧନରାଶି ଅନୁମୋଦନ ହେବା ସହିତ ହବିଷ୍ୟାଳୀ ମା' ମାନଙ୍କୁ କାର୍ତ୍ତିକ ମାସ ବ୍ରତ ପାଳନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।



ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ । କାର୍ତ୍ତିକ ମାସ ବ୍ରତ ପାଳନ ଦ୍ୱାରା ପୁଣ୍ୟ ଅର୍ଜିତ ହୁଏ ବୋଲି ଆମ ଓଡ଼ିଆ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରହିଛି । କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ହବିଷ୍ୟାଳୀ ମା' ମାନେ ଏକତ୍ରୀତ ହୋଇଥାନ୍ତି । ହବିଷ୍ୟାଳୀ ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ଚଳିତ ବର୍ଷ ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀରେ ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପମାନ ନିଆଯିବାର ଯୋଜନା ରହିଛି । ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତ ପ୍ରକାଶ କରିଛନ୍ତି ।ପ୍ରକାଶଯୋଗ୍ୟ ଯେ, ଚଳିତବର୍ଷ ଅକ୍ଟୋବର ମାସ ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେବ। ଏହି ସମୟରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ତରଫରୁ ବିଶେଷ ଭାବରେ ହବିଷ୍ୟାଳି ମା'ମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଗାଡ଼ି ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଆଦିକୁ ଅଗ୍ରାଧିକାର ଭିତ୍ତିରେ ସୁନିଶ୍ଚିତ କରାଯିବ ବୋଲି ସୂଚନା ମିଳିଛି ।

# ରାଜ୍ୟରେ ଖୁବ୍ ଶୀଘ୍ର ଲାଗୁ ହେବ ଜାତୀୟ ଶିକ୍ଷା ନୀତି :ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,(କ.ବ୍ୟୁ):** ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷା ନୀତି -୨୦୨୦ ପ୍ରଣୟନ ନେଇରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱ ବିଦ୍ୟାଳୟର ପ୍ରସ୍ତୁତି ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତଥା କର୍ମଶାଳା ଗତକାଲି ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଡଃ. ସୁସ୍ମିତ ପ୍ରସାଦ ପାଣି ଏବଂପ୍ରଫେସର ଡଃ. ଅତନୁ ପତିଙ୍କ ସମେତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟର କୁଳପତିମାନେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ



ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ କୁମାର ଅଗ୍ରୱାଲ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବର୍ତ୍ତମାନ ବିଭିନ୍ନ ପାଠ୍ୟକ୍ରମର ସ୍ଥିତି, ବିଭିନ୍ନ ଛାତ୍ରବୃତ୍ତି, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଉପସ୍ଥାପନ କରିବା ସହ କାର୍ଯ୍ୟକାରୀ ହେବାକୁ ଥିବା ଜାତୀୟ ଶିକ୍ଷା ନୀତି - ୨୦୨୦(ଏନଇପି) ରେ ରହିଥିବା ଉଲ୍ଲେଖନୀୟ ବ୍ୟବସ୍ଥାର ସାରାଂଶ ଉପରେ ଆଲୋକପାତ କରି ଏହି ନୀତି ଲାଗୁ ନେଇ ରାଜ୍ୟ ସରକାରଙ୍କ ଅନୁମୋଦନର ଆବଶ୍ୟକତା, ଏହା ପ୍ରଣୟନ ହେଲେ ସମ୍ଭାବ୍ୟ ଅସୁବିଧା ଓ ସମାଧାନ ସଂପର୍କରେ ମତ ରଖି ଥିଲେ । ଏଥି ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍, ଜାତୀୟ ଶିକ୍ଷା ନୀତି - ୨୦୨୦ ଅଧିନରେ ମଧ୍ୟମ ଓ ଦୀର୍ଘମିଆଦି କାର୍ଯ୍ୟାନୁଷ୍ଠାନ ଯୋଜନା ସଂପର୍କରେ ମଧ୍ୟ ସେ ଉପସ୍ଥାପନ କରିଥିଲେ ।

ଏହି ଆଲୋଚନାରେ ଉତ୍କଳ ବିଶ୍ୱ ବିଦ୍ୟାଳୟ, ରେଭେନ୍ସା ବିଶ୍ୱ ବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ,ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ, ଓଡିଆ ବିଶ୍ୱ ବିଦ୍ୟାଳୟ, ଧରଣୀଧର ବିଶ୍ୱ ବିଦ୍ୟାଳୟ,ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନେ ଅଂଶଗ୍ରହଣ କରି ଏନଇପି-୨୦୨୦ ପ୍ରଣୟନ ନିମନ୍ତେ ବିଶ୍ୱ ବିଦ୍ୟାଳୟମାନଙ୍କର ପ୍ରସ୍ତୁତି ସଂପର୍କରେ ମତ ରଖିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ ପାଇଁ ଖୁବ୍ କମ ଦିନ ମଧ୍ୟରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ତରଫରୁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ପ୍ରଶଂଶନୀୟ । ଏହି ନୀତି ବିଭିନ୍ନ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ହେଉଥିବାଅସୁବିଧା ଓ ଅଭାବକୁ ଦୂର କରିବା ଏବଂ ଶିକ୍ଷକ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ । ଆଗାମୀ ୧ ରୁ ୩ ସପ୍ତାହ ମଧ୍ୟରେ ଏ ସଂପର୍କରେଶୀର୍ଷସ୍ତରରେ ଆଲୋଚନା କରାଯାଇ ଖୁବ୍ ଶୀଘ୍ର ରାଜ୍ୟରେ ଏହି ନୀତି ଲାଗୁ କରାଯିବା ଉପରେ ସେ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଏହି ନୀତି ଶତ ପ୍ରତିଶତ ପ୍ରଣୟନ କରାଯାଇ ଯେପରି ଓଡିଶା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ ।

# ଓଡିଶାରେ ପ୍ରତିଷ୍ଠା ହେବ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟି କ୍ୟାମ୍ପସ୍



**ଭୁବନେଶ୍ୱର,(କ.ବ୍ୟୁ):** ଓଡିଶାରେ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିର୍ଭସିଟିର ଏକ କ୍ୟାମ୍ପସ ପ୍ରତିଷ୍ଠା କରାଯିବ । ଏଠାରେ ଓଡିଶାର ପିଲାମାନଙ୍କୁ ସାଇବର ସୁରକ୍ଷା ଉପରେ ଶିକ୍ଷା ପ୍ରଦାନ କରାଯିବ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୟୁନିର୍ଭସିଟିର ଏକ ଟିମ୍ ସାକ୍ଷାତ କରି ଏହା ଉପରେ ଆଲୋଚନା କରିଛନ୍ତି।

ରାଜ୍ୟରେ ବଢୁଥିବା ସାଇବର କ୍ରାଇମକୁ ଦୃଷ୍ଟିରେ ରଖି ଏଭଳି ଏକ ଅନୁଷ୍ଠାନର ଆବଶ୍ୟକତା ଓଡିଶାରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି କ୍ୟାମ୍ପସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବେ । ଅପରାଧର ତଦନ୍ତ ଓ ଅପରାଧ ରୋକିବା ଦିଗରେ ଦକ୍ଷ ବିଶେଷଜ୍ଞ ସୃଷ୍ଟି କରିବାରେ ମଧ୍ୟ ଏହା ବିଶେଷ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟର ପୁଲିସ ଅଧିକାରୀମାନେ ସାଇବରସିକ୍ୟୁରିଟି ଉପରେ ପ୍ରଶିକ୍ଷଣ ପାଇବାରେ ସୁବିଧା ହେବା ସହିତ ରାଜ୍ୟରେ ସାଇଣ୍ଟିଫିକ୍ ଅଫିସରମାନଙ୍କ ଆବଶ୍ୟକତା ପୂରଣ ହେବାରେ ମଧ୍ୟ ସହାୟକ ହେବ । ଏହାକୁ ଏକ ସେଣ୍ଟର ଅଫ ଏକ୍ସିଲେନ୍ସ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଲ୍ଲୀସ୍ଥିତ ନ୍ୟାସନାଲ ଫରେନସିକ ସାଇନ୍ସ ୟୁନିର୍ଭସିଟି ନିର୍ଦ୍ଦେଶିକା ଡଃ ପୁରବୀ ପେଖାରିୟାଲ, ଏନଏଫଏସୟୁ ତ୍ରିପୁରାର ନିର୍ଦ୍ଦେଶକ ଡଃ ଏଚ୍‌କେ ପ୍ରତିହାରୀ ଓ ଅନ୍ୟ ବିଶେଷଜ୍ଞମାନଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, ଗୃହ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇବି ଖୁରାନିଆ ଓ କ୍ରାଇମବ୍ରାଂଚ୍ ଏଡିଜି ଅରୁଣ ବୋଥ୍ରା ପ୍ରମୁଖ ଯୋଗ ଦେଇଥିଲେ ।

## ନାଲକୋର ୪୩ ତମ ବାର୍ଷିକ ସାଧାରଣ ବୈଠକ

# ନିରନ୍ତର ଅଭିବୃଦ୍ଧି ସହନୂତନ ମାଇଲ ଖୁଣ୍ଟ ସ୍ଥାପନା



**ଭୁବନେଶ୍ୱର,(କ.ବ୍ୟୁ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ)ର ୪୩ ତମ ବାର୍ଷିକ ସାଧାରଣ ବୈଠକ ଆଜି ଭର୍ଚୁଆଲ ମୋଡ଼ରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଅଂଶୀଦାରମାନେ ଆର୍ଥିକ ବର୍ଷ ୨୦୨୩-୨୪ ରେ ୧୩,୧୪୯ କୋଟି ଟଙ୍କାର ମୋଟ କାରବାର ସହ ୨୦୬୦ କୋଟି ଟଙ୍କାର ନିଟ୍ ଲାଭ ଏବଂ ୪୨୭୫.୭୩ କୋଟି ଟଙ୍କାର ରପ୍ତାନି କାରବାର ହୋଇଥିବା ବାର୍ଷିକ ହିସାବକୁ ଅନୁମୋଦନ କରିଛନ୍ତି ।ଅଂଶୀଦାରମାନେ ମଧ୍ୟ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ଅନ୍ତିମ ଡିଭିଡେଣ୍ଡ ଇକ୍ୱିଟି ସେୟାର ପିଛା ୨ ଟଙ୍କା (ପ୍ରତ୍ୟେକ ୫ ଟଙ୍କାର ଫେସ ଭାଲ୍ୟୁ ଉପରେ ୪୦ ପ୍ରତିଶତ) ହିସାବରେ ସମୁଦାୟ ୩୬୭.୩୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଚୂଡ଼ାନ୍ତ ଲାଭାଂଶ ସହ ମୋଟ ଡିଭିଡେଣ୍ଡ ୯୧୮.୩୨ କୋଟି ଟଙ୍କା ଯାହାକି ମୋଟ ଲାଭର ୪୫% ଅଟେ। ଅଗ୍ରଣୀ ଆଲୁମିନିୟମ ଶିଳ୍ପ ଭାବେ ନାଲକୋ ଆର୍ଥିକ ବର୍ଷ ୨୦୨୩ -୨୪ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେଥି ମଧ୍ୟରେ, ସର୍ବକାଳୀନ ସର୍ବାଧିକ ବକ୍ସାଇଟ ଉତ୍ତୋଳନ ସହ ୨୧.୨୪ ଲକ୍ଷ ଟନ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରିଛି ଯାହା ଉତ୍ପାଦନ କ୍ଷମତାର ଶତ ପ୍ରତିଶତରୁ ଉର୍ଦ୍ଧ୍ୱ ଅଟେ। ସେହିଭଳି, ବିକ୍ରୟ କ୍ଷେତ୍ରରେ, କମ୍ପାନୀ ୪ ଲକ୍ଷ ୭୦ ହଜାର ଟନର ସର୍ବାଧିକ ଧାତୁ ବିକ୍ରି କରିଛି ଏବଂ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୩-୨୪ ରେ ସର୍ବାଧିକ ୪.୬୩ ଲକ୍ଷ ମେଟ୍ରିକ ଟନର କାଷ୍ଟ ଧାତୁ ଉତ୍ପାଦନ କରିଛି। ଆର୍ଥିକ ବର୍ଷ ୨୩-୨୪ ରେ, କମ୍ପାନୀ ଏହାର ଉତ୍କଳ-ଡି କୋଇଲା ଖଣି କାର୍ଯ୍ୟକ୍ଷମ କରିବା ସହ ୨ ନିୟୁତ ଟନ୍ କୋଇଲା ଉତ୍ପାଦନ ମଧ୍ୟ କରିଛି, ଯାହା ଖଣିର ସର୍ବୋଚ୍ଚ ରେଟିଂ କ୍ଷମତା ଅଟେ । ଉତ୍କଳ ଡି ଓ ଇ କୋଇଲା ଖଣି କାର୍ଯ୍ୟକ୍ଷମ ହେବା ସହ ପଟାଙ୍ଗୀ ବକ୍ସାଇଟ ଖଣି ଲିଜ କମ୍ପାନୀକୁ ଆଗାମୀ ୩ ଦଶନ୍ଧି ନିମନ୍ତେ ଏହାର ଆବଶ୍ୟକତା ପୂରଣ କରିବା ସହ ଶକ୍ତି ଏବଂ କଞ୍ଚାମାଲ କ୍ଷେତ୍ରରେ ଆତ୍ମନିର୍ଭର କରିଛି ।ସାଧାରଣ ବୈଠକରେ ଅଂଶୀଦାରମାନଙ୍କୁ ସମ୍ବୋଧିତ କରି, ସିଏମଡି ଶ୍ରୀ ଶ୍ରୀଧର ପାତ୍ର ନାଲକୋ ସମୁଦାୟର ସମର୍ପଣ, ପ୍ରତିବଦ୍ଧତା, ଅଂଶୀଦାରମାନଙ୍କ ଅତୁଟ ସମର୍ଥନ ଓ ବିଶ୍ୱାସ ପାଇଁ ଆଭାର ପ୍ରକଟ କରିଥିଲେ। ଏହି ସମର୍ଥନ ଏବଂ ବିଶ୍ୱାସ ଯୋଗୁ ନାଲକୋ ଧାତୁ ଉତ୍ପାଦନ ଏବଂ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ପରିସଂଖ୍ୟାନ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ।

# ସମବାୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ଉଦଯାପିତ

**ଭୁବନେଶ୍ୱର,(କ.ବ୍ୟୁ):** ସମବାୟ ଅନୁଷ୍ଠାନମାନଙ୍କର ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳରେ ସମବାୟ ସମିତିକୁ ମଜବୁତ କରିବା ଉଦ୍ଦେଶ୍ୟରେ ସମବାୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜାତୀୟ ସମୀକ୍ଷା ବୈଠକ ଆଜି ସଫଳତାର ସହ ଶେଷ ହୋଇଛି । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଅହୁଜା ଏହାକୁ ଉଦଘାଟନ କରିଥିବା ବେଳେ ସମବାୟ ମନ୍ତ୍ରାଳୟର ଶାସନ ସଚିବ ଡ଼ ଆଶିଷ କୁମାର ଭୁଟାନୀ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ କୁମାର ଆହୁଜା ବୈଠକକୁ ସମ୍ବୋଧନ କରି କହିଥିଲେ, ସମବାୟ ସମିତି ଏଭଳି ସଶକ୍ତ ହେବା ଜରୁରୀ ଯେଉଁଠି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହୋଇ ପାରିବ । ତୃଣମୂଳସ୍ତରରେ ଦୃଢ ସଂଗଠନ ଗଠନ କରିବାର ଆବଶ୍ୟକତା ରହିଛି ବୋଲି କହିବା ସହ ଗୁଣାତ୍ମକ ଇନପୁଟ୍, ଷ୍ଟୋରେଜ୍ ଷ୍ଟ୍ରକଚ୍‌ର, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ବଜାର ସୁବିଧା ଭଳି ସମସ୍ତ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜାତୀୟ ଅନୁଷ୍ଠାନମାନେ ଆବଶ୍ୟକୀୟ



ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ଅମୁଲ୍ ଓ ବହୁରାଜ୍ୟ ସମବାୟ ସମିତିର ଉଦାହରଣ ଦେଇ ସେ ଆହୁରି ମଧ୍ୟ କହିଛନ୍ତି, କମ୍ପ୍ୟୁଟରୀକରଣ, ଜନ ଔଷଧୀ କେନ୍ଦ୍ର ପରି ପଦକ୍ଷେପ ସମେତ ସମବାୟ ସମିତି ଚାଷୀମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାର ଏକମାତ୍ର କେନ୍ଦ୍ର । ଲୋକମାନଙ୍କର ନିଜର ଅନୁଷ୍ଠାନ ଭାବରେ ସମବାୟ ସମିତିର ଅନେକ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ତିନୋଟି କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତରେ ପହଞ୍ଚାଇବା ପାଇଁ ଜାତୀୟ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା । ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ହେଲା ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିକୁ ସଶକ୍ତ କରିବା, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି, ଶ୍ୱ?ତ ବିପ୍ଳବ ୨.୦ ପାଇଁ ଏସଓପି ପ୍ରସ୍ତୁତି ଏବଂ ସମବାୟ ମଧ୍ୟରେ ସହଯୋଗ । ସରକାରଙ୍କ ପ୍ରଥମ ୧୦୦ ଦିନରେ ସମବାୟ ମନ୍ତ୍ରାଳୟ ଦ୍ୱାରା ନିଆଯାଇଥିବା ଦଶଟି ପଦକ୍ଷେପ ମଧ୍ୟରୁ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହା ନୂଆଦିଲ୍ଲୀରେ ଜାତୀୟ ସମ୍ମିଳନୀରେ ଏହି ତିନୋଟି ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମନ୍ତ୍ରାଳୟର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ସଫଳ ରୂପାୟନ ଉପରେ ବିଚାରବିମର୍ଶ କରିବାକୁ ଏହି ବୈଠକ କରାଯାଇଥିଲା । ସମବାୟ ଉଦ୍‌ଯୋଗଗୁଡ଼ିକର ପ୍ରଚାରପ୍ରସାର କ୍ଷେତ୍ରରେ ଯୁବପିଢ଼ିଙ୍କ ଯୋଗଦାନର ଆବଶ୍ୟକତା ରହିଛି । ସମବାୟ ସମିତିରେ ଯୁବପିଢ଼ିଙ୍କ ଯୋଗଦାନକୁ ବୃଦ୍ଧି, ସମବାୟ ଶିକ୍ଷା ଏବଂ ତାଲିମ ପ୍ରଣାଳୀକୁ ଆଧୁନିକୀକରଣ କରିବା ଆଗାମୀ ଦିନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଡ଼ିପିରେ ଯୋଗଦାନ କ୍ଷେତ୍ରରେ ସମବାୟ ସମିତିର ପ୍ରମୁଖ ଭୂମିକା ରହିଛି ବୋଲି ସମବାୟ ମନ୍ତ୍ରାଳୟର ଶାସନ ସଚିବ ଡ଼ ଆଶିଷ କୁମାର ଭୁଟାନି ସୂଚନା ଦେଇଛନ୍ତି । ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମଡେଲ୍ ବାଇ ଲ ଗ୍ରହଣ ପ୍ରାଥମିକ କୃଷି ସମବାୟ ସମିତିକୁ ୨୫ ଟି ନୂତନ ବ୍ୟବସାୟ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ସହ କୃଷି ସମବାୟ ସମିତିକୁ ଆର୍ଥିକ ରୂପେ ସଶକ୍ତ କରିବ । ୩ ନୂତନ ସମବାୟ ସମିତି- ଜାତୀୟ ସମବାୟ ଏକ୍ସପୋର୍ଟ୍ସ ଲିମିଟେଡ୍, ଜାତୀୟ ସମବାୟ ଅର୍ଗାନିକ୍ସ ଲିମିଟେଡ୍ ଏବଂ ଭାରତୀୟ ବୀଜ ସମବାୟ ସମିତି ଲିମିଟେଡ୍ ଗଠନ କୃଷି ସମବାୟ ସମିତି ପାଇଁ ରାଶି ବୃଦ୍ଧି କରିଛି । ଏହି ସମିତିଗୁଡିକ ଚାଷୀମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ନିଜ ଉତ୍ପାଦନର ରପ୍ତାନି ବୃଦ୍ଧି କରିବାରେ ସହାୟକ କରିବ । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏକ ପ୍ରମୁଖ ପଦକ୍ଷେପ ଭାବରେ ସମବାୟ ମନ୍ତ୍ରାଳୟ ପ୍ରକୃତ ସମୟରେ ତଥ୍ୟ ସଂଗ୍ରହ ତଥା ଦେଶବ୍ୟାପୀ କାର୍ଯ୍ୟକ୍ରମଗୁଡ଼ିକର ଦୃଢ ତଦାରଖ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏନସିଡି ଡାଟାବେସ୍ ମାଧ୍ୟମରେ ଡିଜିଟାଇଜେସନ୍ ଉପରେ କାର୍ଯ୍ୟ କରୁଛି । ଡକ୍ଟର ଭୁଟାନି କହିଛନ୍ତି ଯେ ଦେଶରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆଗାମୀ ୫ ବର୍ଷରେ ୫୦ ପ୍ରତିଶତ ସମବାୟ ସଦସ୍ୟଙ୍କୁ ନିୟମିତ ଦକ୍ଷତା ବିକାଶ ତାଲିମ ପ୍ରଦାନ ଆୟୋଜନ କରାଯାଉଛି।

**Published, Printed by** Jayshree Parida **and owned by** Rangalata Dei, published at B/1, Rajabagicha, Labour Colony, Po. telenga Bazar, Cuttack-753009, **Printed at** Basudev Printers, Rajabagicha, Labour Colony, Cuttack-753009. **Cell : 8480449056**
**Branch Office:** Chandikhole, Sunguda, Jajpur-754024, Ph: 9337447769 **E-mail: thekalingaprava@gmail.com.**

ମୁଖ୍ୟ ସମ୍ପାଦକ: କିଶୋର ଶତପଥୀ
Editor: Babuli Behera
ସମ୍ପାଦକ: ବାବୁଲି ବେହେରା